# ଘରୁ ସୁନା ଓ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୨୪।୪(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ଅଭିରାମ ନଗରରେ ତାଲାବନ୍ଦ ଘରୁ ଦୁର୍ବୃତ୍ତ ସୁନା, ରୁପା ଓ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଆମ୍ବପୁଆ ଅଭିରାମ ନଗରରେ ରହୁଥିବା ଅଶୋକ କୁମାର ବିଶ୍ୱାଳ ଗତ ୧୨ତାରିଖରେ ପରିବାର ସହ ଦିଲ୍ଲୀ ଯାଇଥିଲେ। ତା'ପର ଦିନ ପଡ଼ିଶା ଘର ଲୋକେ କଲ୍ କରି ଘରର ପ୍ରଥମ ଗେଟ ତାଲା ଭଙ୍ଗାଯାଇଥିବା ଜଣାଇଥିଲେ। ପରେ ଅଶୋକ ତାଙ୍କ ସାଙ୍ଗକୁ କଲ୍ କରି ସେଠାକୁ ଯାଇ ଦେଖିବାକୁ କହିଥିଲେ। ସାଙ୍ଗ ସେଠାରେ ପହଞ୍ଚି ଦେଖିବା ବେଳକୁ ଘରର ତାଲା ଭଙ୍ଗା ହୋଇଥିବା କହିଥିଲେ। ପୁଣି ଅନ୍ୟ ତାଲା ଲଗାଇ ଦେବାକୁ ତାଙ୍କ ସାଙ୍ଗକୁ କହିବା ସହ ଦିଲ୍ଲୀରୁ ଫେରିଲେ ଦେଖିବା ବୋଲି କହିଥିଲେ। ଅଶୋକ ବୁଧବାର ପହଞ୍ଚି ଦେଖିବା ବେଳକୁ ଘରର ସମସ୍ତ ଜିନିଷପତ୍ର ଏଣେ ତେଣେ ପଡ଼ିଥିବା ବେଳେ ଆଲମାରି ଭାଙ୍ଗି ସେଥିରେ ଥିବା ସୁନା ଖାସୁ ମାଳି ଗୋଟିଏ, କାନ ଫୁଲ, କାନ ଝିକା, ଚୁଡ଼ି, ରୁପା ପୂଜା ସାମଗ୍ରୀ ଓ ଟଙ୍କା ପ୍ରାୟ ୭୫ ହଜାର ଲୁଟି ନେଇଥିବା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଏମକେସିଜି ରେଜିଷ୍ଟ୍ରାରଙ୍କ ଦାୟିତ୍ୱ ଗ୍ରହଣ



ବ୍ରହ୍ମପୁର,୨୪।୪(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ ରେଜିଷ୍ଟ୍ରାର ଭାବେ ବରିଷ୍ଠ ଓଏଏସ ଅଧିକାରୀ ଡ. ଶ୍ୱେତ କୁମାର ଦାଶ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଶୁକ୍ରବାର ପୂର୍ବାହ୍ନରେ ମେଡିକାଲ କଲେଜରେ ପହଞ୍ଚି ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଡା. ଜେ. ସାଗର ପୃଷ୍ଟିଙ୍କ ଠାରୁ ବିଦ୍ଧିବଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡ. ଦାଶ ନୂତନ ଭାବେ ଦାୟିତ୍ୱ ନେବା ପରେ ମେଡିକାଲ କଲେଜ, ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ଏବଂ ଅଧୀକ୍ଷକଙ୍କ କାର୍ଯ୍ୟାଳୟର କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏମକେସିଜି ମେଡିକାଲ କଲେଜର ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ କାର୍ଯ୍ୟକ୍ରମ ବୃଦ୍ଧି କରାଯିବା ସହ ରୋଗୀଙ୍କୁ କିଭଳି ଉତ୍ତମ ସେବା ସହ ସମସ୍ତ ସରକାରୀ ସୁବିଧା ମିଳିବ ସେ ନେଇ କାର୍ଯ୍ୟ କରିବେ ବୋଲି ଡ. ଦାଶ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସେହିପରି କାର୍ଯ୍ୟାଳୟର ବିଭିନ୍ନ ନାମ ଫଳକ ଓଡ଼ିଆରେ ଲେଖିବାକୁ ସେ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

● ବ୍ରହ୍ମପୁର ବୁଲ୍ସ କ୍ରିକେଟ ଟ୍ରଫି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ରମ୍ଭା କ୍ରିକେଟ କ୍ଲବ୍ ବିଜୟୀ



ବ୍ରହ୍ମପୁର,୨୪।୪(ସମିସ): ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ବୁଲ୍ସ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ସମ୍ମାନିତ ଅତିଥି ଭାବେ ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ, କର୍ପୋରେଟର ଡି. କରୁଣା କର, ପ୍ରଦୀପ ଶତପଥୀ, ତିରୁପତି ପାତ୍ର, ଟି. କିଶୋର, ନୀଳକଣ୍ଠ ସାହୁ, ରଞ୍ଜିତ ବେହେରା ଓ ଶୈଳେଶ ପାତ୍ର ଯୋଗଦେଇ ପ୍ରତିଯୋଗିତାଙ୍କୁ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୨ଟି ଦଳ ଭାଗ ନେବାକୁ ଥିବାବେଳେ ୯ ଦିନ ଧରି ଚାଲିବ। ପ୍ରଥମ ମ୍ୟାଚ ଲିଡ୍ସ ସ୍ପୋର୍ଟିଂ କ୍ଲବ ବନାମ ରମ୍ଭା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ପ୍ରଥମ ଟସ୍ ଜିତି ରମ୍ଭା କ୍ରିକେଟ କ୍ଲବ ବ୍ୟାଟିଂ ନିଷ୍ପତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ମୋଟ ୨୩୦ ରନ୍ କରିଥିଲା। ଜବାବରେ ଲିଡ୍ସ ସ୍ପୋର୍ଟିଂ କ୍ଲବ ୭୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ରମ୍ଭା କ୍ରିକେଟ କ୍ଲବର ରବି ରାଜ ମୋଟ ୫୬ଟି ବଲରେ ୧୦୦ ରନ୍ ନଟଆଉଟ ରହିଥିବା ବେଳେ ତାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଘୋଷିତ କରାଯାଇଥିଲା। ମ୍ୟାଚକୁ ରଜନୀ କାନ୍ତ ରେଡ୍ଡୀ ଓ ଧିରେନ୍ ସାବତ ଅମ୍ପାୟାର ଭାବେ ପରିଚାଳନା କରିଥିଲେ।

ସୁଧୀର ପାତ୍ର ହତ୍ୟା ମାମଲା

# ପୁଲିସର ତଦନ୍ତ ଉପରେ ଅଙ୍ଗୁଳି ଉଠାଇଲା ପରିବାର

ବ୍ରହ୍ମପୁର,୨୪।୪(ସମିସ)







■ ଆଜି ୩ ଦିନିଆ ରିମାଣ୍ଡରେ ଯିବେ ପ୍ରେମିକ କାଲୁ ସହ ୫ ଅଭିଯୁକ୍ତ

■ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ଦାବିକଲେ ମୃତ ସୁଧୀରଙ୍କ ପରିବାର

ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ହତ୍ୟା ପଛରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲେ ତାଙ୍କ ପୁତୁରା ଓ ଝିଆରୀ। ଏଭଳି ଖବର ସୁଧୀରଙ୍କ ପରିବାର ଲୋକେ ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇପଡ଼ିଛନ୍ତି। କାରଣ ଝିଆରୀ ନିବେଦିତା ଓ ପୁତୁରା ତୁଷାରଙ୍କୁ ସେ ନିଜ ପୁଅ-ଝିଅ ଭଳି ଭଲ ପାଉଥିଲେ। ଲାଳନପାଳନ କରି ଛୋଟରୁ ବଡ଼ କରିଥିଲେ। କିନ୍ତୁ ଶେଷରେ ସେମାନେ ହିଁ ତାଙ୍କ ଜୀବନ ନେଇଛନ୍ତି। ତେଣୁ ନିବେଦିତା ଓ ତୁଷାରଙ୍କୁ ଫାଶୀଦଣ୍ଡ ଦିଆଯାଉ ବୋଲି ସୁଧୀରଙ୍କ ସମ୍ପର୍କୀୟ ଦାବି କରିଛନ୍ତି।

ଏହାସହ ମୃତଦେହ ମିଳୁ ମିଳୁ ହିଁ କିଭଳି ଅଭିଯୁକ୍ତମାନଙ୍କୁ ଆଣି ଗୋଟିଏ ଦିନରେ ଠିଆ କରି ସାମ୍ବାଦିକ ସମ୍ମିଳନୀ କରିଛି ପୁଲିସ। ପୁଲିସ ଯଦି ଆଗରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା ତେବେ ସୁଧୀରଙ୍କୁ ଜୀବିତ ଅବସ୍ଥାରେ କାହିଁକି ଠାବ କରିପାରିନଥିଲା ଏଭଳି ଅନେକ ଅସମାହିତ ପ୍ରଶ୍ନ ପଚାରିଛନ୍ତି ପରିବାର ଓ ସମ୍ପର୍କୀୟ। ଯାହା ପୁଲିସର ତଦନ୍ତ ଉପରକୁ ଅଙ୍ଗୁଳି ଉଠାଇଛି।

ପୁଲିସ ଝିଆରି ନିବେଦିତା ପାତ୍ର ଓ ପୁତୁରା ତୁଷାରଙ୍କ ସମେତ ମୋଟ ୯ ଜଣଙ୍କୁ ଗିରଫ କରିଛି। ଘରେ ହିଁ ତାଙ୍କର ଶତ୍ରୁ ଥିଲେ ବୋଲି ସେ ଜାଣିନଥିଲେ। ସୁଧୀର ପ୍ଲଟ ବ୍ୟବସାୟ କରୁଥିବା ବେଳେ ଯାହା ଲାଭ ଆସିଥାଏ ସେଥିରୁ କିଛି ନିଜ ଝିଆରୀ ଓ ପୁତୁରାକୁ ଦେଇଥାନ୍ତି। ଏହା ସତ୍ତ୍ୱେ ଏମାନେ ଦାଦାଙ୍କୁ ଯୋଜନାବଦ୍ଧ ଭାବେ ଏପରି ହତ୍ୟା କରିବେ କେହି ସ୍ୱପ୍ନରେ ସୁଦ୍ଧା ମଧ୍ୟ ଭାବିନଥିଲେ। ନିବେଦିତା ଓ ତୁଷାରଙ୍କୁ ଫାଶୀ ଦଣ୍ଡ ଦିଆଯାଉ ବୋଲି ମୃତ ସୁଧୀରଙ୍କ ଦାଦା ବଂଶୀଧର ପାଢ଼ୀ ଦାବି କରିଛନ୍ତି।

ହତ୍ୟାକୁ ନେଇ ସମ୍ପର୍କୀୟ ଓ ସ୍ଥାନୀୟ ବାସିନ୍ଦା ପୁଲିସ ଉପରକୁ ମଧ୍ୟ ଅଙ୍ଗୁଳି ଉଠାଇଛନ୍ତି। ୧୫ ତାରିଖରୁ ଅପହରଣ ପରେ ହତ୍ୟା କରାଯାଇଥିବା ବେଳେ କିଭଳି ପୁଲିସର ୭ଟି ଟିମ୍ କିଛି ସୁରାକ ପାଇପାରିଲାନି? ସେପଟେ ଗତ ୨୨ ତାରିଖରେ ଗଳିତ ମୃତଦେହ ସୋରଡ଼ାରୁ ମିଳିବା ପରେ ୨୩ ତାରିଖ ଅର୍ଥାତ୍ ଗତକାଲି ୯ ଜଣଙ୍କୁ କିପରି ଅଭିଯୁକ୍ତ ଦର୍ଶାଇ ପୁଲିସ ସାମ୍ବାଦିକ ସମ୍ମିଳନୀରେ ଠିଆ କରାଇଦେଲା? ଗୋଟିଏ ଦିନରେ କଣ ୯ ଅଭିଯୁକ୍ତଙ୍କୁ ପୁଲିସ ଧରିଦେଲା କି, ନା ଅଭିଯୁକ୍ତଙ୍କୁ ପୂର୍ବରୁ ଧରି ପୁଲିସ ମୃତଦେହ ଠାବ ପାଇଁ ଅପେକ୍ଷା କରିଥିଲା? ଅଭିଯୁକ୍ତଙ୍କୁ ଯଦି ପୂର୍ବରୁ ଧରିଥିଲା ତେବେ କାହିଁକି ସୁଧୀରଙ୍କୁ ଜୀବିତ ଠାବ କରିପାରିଲା ନାହିଁ ଏପରି ଅନେକ ପ୍ରଶ୍ନ କରିଛନ୍ତି ସମ୍ପର୍କୀୟ ଭାଇ। ସେପଟେ ଖୁବ୍‌ଶୀଘ୍ର ବ୍ରହ୍ମପୁର ଜେଲରେ ସମସ୍ତ ଅଭିଯୁକ୍ତଙ୍କ ଟିଆଇ ପରେଡ଼ ହେବ। ସୁଧୀରଙ୍କ ପରିବାର ଲୋକେ ଅଭିଯୁକ୍ତ ତଥା ତାଙ୍କ ଝିଆରୀ ପୁତୁରାଙ୍କୁ ଚିହ୍ନଟ କରିବେ। ଏହାସହ ଆସନ୍ତାକାଲି ୯ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ପୁଲିସ ରିମାଣ୍ଡରେ ଆଣି ଅଧିକ ପଚରାଉଚୁରା କରିବା ନେଇ ସୂଚନା ମିଳିଛି। ପ୍ରେମିକ ଗାଙ୍ଗପୁର ଥାନା କାଳିଆଗୁଡ଼ ଅଞ୍ଚଳର କାଳୁ ଚରଣ ପ୍ରଧାନ ଓରଫ କାଳିଆ, ହିଞ୍ଜିଳିକାଟୁ ରାଳବ ଅଞ୍ଚଳର ଗଞ୍ଜେଇ ବ୍ୟବସାୟୀ ଜିତୁନ୍ ପଲେଇ ଓରଫ ଛୋଟା, ବୁଗୁଡ଼ା ଥାନା ଗୋଳାବନ୍ଧ ରାମଣ୍ଡା ଗ୍ରାମର ନାରାୟଣ ପ୍ରଧାନ ଓରଫ କମଲ୍, ବୁଗୁଡ଼ା ବିରଞ୍ଚିପୁର ଗ୍ରାମର ଆଶିଷ ମହାପାତ୍ର ଓରଫ ଟୁଲୁ ଓ ଉତ୍ତରପ୍ରଦେଶର ସୂର୍ଯ୍ୟ ପ୍ରତାପ ସିଂ ଓରଫ ଲମ୍ବୁ ଓରଫ ଗଲୁ ଆଦି ୫ ଅଭିଯୁକ୍ତଙ୍କୁ ପୁଲିସ ୩ ଦିନିଆ ରିମାଣ୍ଡରେ ନେଇ ଘାଣ୍ଟିବ। ସେପଟେ ପୁଲିସ ଏକାଧିକଙ୍କୁ ପଚରାଉଚରା କରୁଛି। ଏହି ଘଟଣାରେ ୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି। ସେମାନେ ଏବେ ଫେରାର ରହିଛନ୍ତି। ଫେରାର ଅଭିଯୁକ୍ତଙ୍କ ମଧ୍ୟରେ ସୁପାରିକିଲର୍ ଅର୍ଥାତ ବାହାର ରାଜ୍ୟର ଅଭିଯୁକ୍ତ ଥିବା ସୂଚନା ରହିଛି। ସେମାନଙ୍କୁ ଧରିବାକୁ ପୁଲିସ ଟିମ୍ ବାହାରେ ଚଢ଼ଉ ଜାରି ରଖିଛି।

# ଭଉଣୀକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ; ଭାଇ ଗିରଫ

ବ୍ରହ୍ମପୁର,୨୪।୪(ସମିସ): ନିଜ ଭଉଣୀଙ୍କୁ ଧାରୁଆ ଅସ୍ତ୍ରରେ ହାଣି ଭାଇ ଗିରଫ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ନିମଖଣ୍ଡି ବୋରିଗାଁ ରାଉଳ ସାହିର ସନ୍ତୋଷ ରାଉଳ(୨୩)। ସନ୍ତୋଷ ପ୍ରତିଦିନ ମଦ୍ୟପାନ କରିଥାଏ ଓ ଏଥିପାଇଁ ଅଧିକାଂଶ ସମୟରେ ନିଜ ଭଉଣୀଙ୍କୁ ଟଙ୍କା ମାଗେ। ଆଉ ଭଉଣୀ ମଧ୍ୟ ଟଙ୍କା ଦିଅନ୍ତି। ଏହି ସପ୍ତାହରେ ଭଉଣୀ ବାହାହୋଇ ତା ଶାଶୁଘର ଚାଲିଗଲେ ସନ୍ତୋଷକୁ ମଦ ପିଇବାକୁ ଆଉ ଟଙ୍କା କିଏ ଦେବ କହି ଘରେ ସେ ଝଗଡ଼ା କରିଥିଲା। ଏପରିକି ଗତ ୨୨ତାରିଖ ସନ୍ଧ୍ୟାରେ ଭଉଣୀକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ସନ୍ତୋଷ। ଆହତ ହୋଇ ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ପରେ ଘଟଣାକୁ ନେଇ ଗତ ୨୨ ତାରିଖରେ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଭାଇ ସନ୍ତୋଷକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ କୃଷ୍ଣ ଶାହା କହିଛନ୍ତି।

ବିଇଏମ୍‌ସିକୁ ଆଗୁଆ ଡେଙ୍ଗୁ ଚିନ୍ତା

# କର୍ପୋରେଟରଙ୍କ ପାଇଁ ସ୍ୱତନ୍ତ୍ର ସଚେତନତା ସଭା

ବ୍ରହ୍ମପୁର,୨୪।୪(ସମିସ)



■ ସ୍ୱାସ୍ଥ୍ୟବିଭାଗକୁ 'ଦୂରୁ ଜୁହାର' ଜଣାଇଲେ ୩୨ ନଂ. କର୍ପୋରେଟର

■ ନକଲି ସ୍ଥାନରେ ଅସଲି ମଶାତେଲ ବ୍ୟବହାର କରିବାକୁ ପରାମର୍ଶ

ବିଇଏମସିକୁ ଆଗୁଆ ଡେଙ୍ଗୁ ଚିନ୍ତା। ଡେଙ୍ଗୁ ଦାଉରୁ କିଭଳି ସହରକୁ ତଥା ସହରବାସୀଙ୍କୁ ମୁକ୍ତ ରଖାଯାଇପାରିବ ସେଥିପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ସାଧାରଣତଃ ଡେଙ୍ଗୁ ଜ୍ୱରର ବାହକ ଏଡିସ ମଶା। ଏହାର ନିର୍ଦ୍ଦିଷ୍ଟ କୌଣସି ଔଷଧ ନଥିବା ବେଳେ ସଚେତନତା ତଥା ପ୍ରତିକାରାତ୍ମକ ପନ୍ଥା ଗ୍ରହଣ କରିବା ଜରୁରୀ। ଏଥିପାଇଁ ନିଜେ ସଚେତନ ରହି ଅନ୍ୟକୁ ସଚେତନ କରିବା ନିତାନ୍ତ ଆବଶ୍ୟକ। ୪୨ୱାର୍ଡ ବିଶିଷ୍ଟ ବ୍ରହ୍ମପୁର ମହାନଗର ନିଗମରେ ସମସ୍ତ ୱାର୍ଡରେ କର୍ପୋରେଟରଙ୍କୁ ନେଇ ଆରମ୍ଭ ହୋଇଛି ସଚେତନତା କର୍ମଶାଳା। ତେବେ ପ୍ରତିବର୍ଷ ଚିରାଚରିତ ଭାବେ କର୍ମଶାଳା ଆୟୋଜନ କରାଯାଉଥିଲେ ହେଁ ସହରକୁ ମଶା ଦାଉରୁ ରକ୍ଷା କରାଯାଇ ପାରୁନଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ ସମସ୍ତ କର୍ପୋରେଟର। ଏକ୍ଷେତ୍ରରେ ସ୍ୱାସ୍ଥ୍ୟବିଭାଗକୁ ଦୂରୁ ଜୁହାର ବୋଲି କହି ସହରରେ ନିଗମ ପକ୍ଷରୁ ଛଡାଯାଉଥିବା ମଶାଧୂଆଁ ଓ ମଶା ତେଲ ନକଲି ନୁହେଁ ବରଂ ଅସଲି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ ୩୨ନମ୍ବର ୱାର୍ଡ କର୍ପୋରେଟର ସୁରେନ୍ଦ୍ର ମହାରଣା। ଯାହା ବୈଠକରେ ଚର୍ଚ୍ଚାର ବିଷୟ ହୋଇଥିଲା। ଆଗାମୀ ଦିନରେ ଲୋକଙ୍କ ମଧ୍ୟରେ ବିଭିନ୍ନ ମାଧ୍ୟମରେ ସଚେତନତା ସୃଷ୍ଟି ସହ ମଶା ତେଲ ଓ ଧୂଆଁ ଛାଡିବା କାର୍ଯ୍ୟକୁ କିଭଳି ତ୍ୱରାନ୍ୱିତ ତଥା ବ୍ୟାପକ କରାଯିବ ସେନେଇ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ବୈଠକରେ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଡେପୁଣି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ଡେପୁଟି କମିଶନୀ ଆଶିର୍ବାଦ ପରିଡାଙ୍କ ସମେତ ପ୍ରାୟ ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ। ଡେଙ୍ଗୁକୁ ନେଇ ଆଗକୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସମସ୍ତ କର୍ପୋରେଟରଙ୍କ ସହଯୋଗ କାମନା କରାଯାଇଥିଲା।

# ଘର ଉପରକୁ ବୋମାମାଡ଼ କରି ଦୁର୍ବୃତ୍ତ ଫେରାର

ବ୍ରହ୍ମପୁର,୨୪।୪(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଗଅଞ୍ଜୁ ଗ୍ରାମରେ ଆଜି ଭୋରରୁ ଗାଡ଼ିର କାଚ ଭାଙ୍ଗିବା ସହ ଘର ଉପରକୁ ବୋମାମାଡ଼ କରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ସୂଚନା ପ୍ରକାରେ ଗଅଞ୍ଜୁ ଗ୍ରାମରେ ଭୋର ସକାଳେ ନିଗମ ଦାସଙ୍କ ଘର ଉପରକୁ ଦୁର୍ବୃତ୍ତ ମାନେ ଏକ ବୋମା ମାଡ଼ କରି ଫେରାର ହୋଇଯାଇଛନ୍ତି। ବୋମା ମାଡ଼ରେ ଘରର ଇଲେକ୍ଟ୍ରି ମିଟର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଘର ସମ୍ମୁଖରେ ଥିବା ଟାଟା ଏସିଇ ନମ୍ବର ଓ ଆର ୦୨ ୱିକୁ-ୟ୨୬୭୨ ଗାଡିର ୨ ଟି ସାଇଡ ଗ୍ଲାସ ଭାଙ୍ଗି ଥିବା ନେଇ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୨୨୫/୨୬ ମାମଲା ରୁଜୁ କରି ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଫୁଟା ମୋବା ଡୁକୁଡ଼ା ଜବତ କରି ଅଞ୍ଚଳରେ ଲାଗିଥିବା ସିସି ଫୁଟେଜ ଯାଞ୍ଚ କରିଥିବା ପୁଲିସ କହିଛି।

ବିଇଏମ୍‌ସିର ବଜେଟ ୭ଶହ କୋଟି; ବୈଠକରେ ହୋହଲ୍ଲା

# 'ଅନୁଦାନ ଆଣିବା କ୍ଷେତ୍ରରେ ଶାସକ ଦଳର ଭୂମିକା ଗୌଣ'





● କର୍ମଚାରୀ ଅଭାବ, ରାଜସ୍ୱ ଆଦାୟ ହ୍ରାସ ଏବଂ ବିକାଶ କାର୍ଯ୍ୟ ଠପ୍‌କୁ ନେଇ ପାଟିତୁଣ୍ଡ

● ଇଞ୍ଜିନିୟରିଂ ବିଭାଗରେ ସମନ୍ୱୟର ଅଭାବରୁ ନିୟମିତ ପ୍ରସ୍ତୁତ ହୋଇପାରୁନି ଆକ୍ସନ ପ୍ଲାନ୍

ବ୍ରହ୍ମପୁର,୨୪।୪(ସମିସ)

ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବିଇଏମସିର ବଜେଟ ୭ଶହ କୋଟି। ବିଭିନ୍ନ ଉତ୍ସରୁ ୬୯୭କୋଟି ୩୨ଲକ୍ଷ ୩ହଜାର ରାଜସ୍ୱ ଆଦାୟ ପାଇଁ ଆକଳନ କରାଯାଇଥିବା ବେଳେ ୭ଶହ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଅର୍ଥାତ୍ ଚଳିତ ବଜେଟ ମଧ୍ୟ ନିଅଣ୍ଟିଆ। ପୂର୍ବବର୍ଷ ଅପେକ୍ଷା ଚଳିତ ବଜେଟ ପ୍ରାୟ ଶହେ କୋଟି ଅଧିକା ଥିବା ଜଣାପଡିଛି। ନିଗମରେ କର୍ମଚାରୀଙ୍କ ଅଭାବ ଯୋଗୁ ବିଭିନ୍ନ ଉତ୍ସରୁ ରାଜସ୍ୱ ଆଦାୟ ହ୍ରାସ ପାଉଥିବା ବେଳେ ହୋଲ୍‌ଡିଂ ଟ୍ୟାକ୍ସ ଆଦାୟରେ ସମସ୍ୟା ରହିଛି। ଏଭଳି ପରିସ୍ଥିତିରେ ନିଗମକୁ ସରକାରୀ ସହାୟତା ଯେଉଁଭଳି ମିଳିବା କଥା ତାହା ମିଳିବା ଦୂରେଥାଉ ଗତ ଦୁଇବର୍ଷ ହେଲା ନିଗମକୁ ସ୍ୱତନ୍ତ୍ର ପ୍ରକଳ୍ପ ବାବଦରେ ପ୍ରାୟ ୨୮୦କୋଟି ଆସିନଥିବା ଜଣାପଡିଛି। ସହରର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ସମେତ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଯଥା ମନ୍ତ୍ରୀ, ବିଧାୟକ ଓ ସାଂସଦଙ୍କ ପକ୍ଷରୁ ଆବଶ୍ୟକ ସହଯୋଗ ମିଳୁନଥିବା ପ୍ରସଙ୍ଗକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସବୁଠାରୁ ବଡ଼କଥା ହେଲା ନିଗମର ପରିଷଦ ବୈଠକକୁ କେହି ନଆସି ନିଜର ପ୍ରତିନିଧିଙ୍କ ଜରିଆରେ କାମ ଚଳାଉଥିବା ଅଭିଯୋଗ ହୋଇଛି। ବଜେଟ ଚିଠାରେ ଦିଆଯାଇଥିବା ଆକ୍ସନ ପ୍ଲାନ୍‌ରେ ପୂର୍ବରୁ ହୋଇସାରିଥିବା ବିଭିନ୍ନ ପ୍ରକଳ୍ପ ଏପରିକି କିଛି ପ୍ରକଳ୍ପ ଯେଉଁଗୁଡିକ ଶେଷ ହୋଇ ବିଲ୍ ପୈଠ କରାଯାଇଛି ସେଗୁଡିକୁ ସ୍ଥାନିତ କରାଯାଇଥିବା ଦେଖିବାକୁ ମିଳିଥିଲା। ସହରର ଏକ ୱାର୍ଡ ଅଫିସରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଓ ଟାଇଲ ବିଛାଇବାକୁ ୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଥିଲେ ହେଁ ତାହା କେଉଁ ୱାର୍ଡରେ ହୋଇଛି ସେନେଇ ଇଞ୍ଜିନିୟରିଂ ବିଭାଗ କୌଣସି ସଠିକ ଉତ୍ତର ଦେଇପାରିନଥିଲେ। ନିଗମର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଇଞ୍ଜିନିୟରିଂ ବିଭାଗରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟରେ ରହିଥିବା ସମନ୍ୱୟର ଅଭାବ କାରଣରୁ ଠପ ହୋଇଯାଇଥିବା ଅଭିଯୋଗ ହୋଇଥିଲା। ବର୍ଷ ବର୍ଷ ଧରି ଟେଣ୍ଡର ହୋଇଥିବା କାର୍ଯ୍ୟକୁ କାର୍ଯ୍ୟାଦେଶ ନଦେଇ ଫାଇଲକୁ ଉଦ୍ଦେଶ୍ୟମୂଳକ ଭାବେ ଇଞ୍ଜିନିୟରିଂ ବିଭାଗ ନିଜ ପାଖରେ ରଖିବା ଘଟଣାକୁ ନେଇ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ବିଭିନ୍ନ କାରଣରୁ ବିଇଏମସିର ବଜେଟ ବୈଠକ ବିଳମ୍ବ ହୋଇଥିବାରୁ ଆଉ ସମୟ ନଷ୍ଟ ନକରି ଯୁଦ୍ଧକାଳୀନ ଭିତ୍ତିରେ ଆସନ୍ତା ମେ' ୧୫ ସୁଦ୍ଧା ଚଳିତ ଆର୍ଥିକବର୍ଷ ପାଇଁ ନୂତନ ଆକ୍ସନ ପ୍ଲାନ ସହିତ ଚୂଡ଼ାନ୍ତ ବଜେଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି କମିଶନର ଏସ. ସସ୍ୟା ରେଡ୍ଡୀ। ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବଜେଟ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଖାସ କରି ବିଭିନ୍ନ ୱାର୍ଡରେ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟ ଠପ୍ ହୋଇଯାଇଥିବା ପ୍ରସଙ୍ଗରେ ଅଧିକାଂଶ କର୍ପୋରେଟର ହୋହଲ୍ଲା କରିଥିଲେ। ନିଗମରେ ଉନ୍ନୟନମୂଳକ କାର୍ଯ୍ୟକୁ ଆଗେଇ ନେବାରେ ସିଟି ଇଂଜିନିୟରଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଗତ ମାର୍ଚ୍ଚ ୧୨ରେ ପୂର୍ବ ସିଟି ଇଞ୍ଜିନିୟର ମନୋଜ ପାତ୍ର ଭୁବନେଶ୍ୱରକୁ ବଦଳି ହୋଇଯାଇଛନ୍ତି। ତାଙ୍କ ସ୍ଥାନରେ ଆସିଥିବା ସିଟି ଇଂଜିନିୟର ଦିବ୍ୟରଂଜନ ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରି ପୁଣି ସମ୍ବଲପୁର ଡେପୁଟେସନରେ ଚାଲିଯାଇଥିବା ଜଣାପଡିଛି। ଅର୍ଥାତ୍ ସେ ବିଇଏମସିରୁ ଦରମା ନେବାକୁ ଥିବାବେଳେ ସମ୍ବଲପୁରରେ କାମ କରିବେ। ଯାହାକୁ ନେଇ ବୈଠକରେ ମେୟର ଓ ଡେପୁଟି ମେୟରଙ୍କ ସମେତ ସମସ୍ତ କର୍ପୋରେଟର ଅସନ୍ତୋଷ ପ୍ରକାଶ କରିଥିଲେ। ବିଭିନ୍ନ ଅଭିଯୋଗର ଉତ୍ତର ଦେଇ କମିଶନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଛି। ସେଗୁଡିକୁ ପର୍ଯ୍ୟାୟ କ୍ରମେ ତଥା ଯଥାଶୀଘ୍ର ହାତକୁ ନିଆଯିବ ବୋଲି କହିଥିଲେ। ପୋଖରୀ ଉନ୍ନତିକରଣ ଓ ପୁନଃରୁଦ୍ଧାର କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଯିବ। ତେବେ ଆକ୍ସନ ପ୍ଲାନରେ ରହିଥିବା ତ୍ରୁଟିକୁ ତୁରନ୍ତ ସମାଧାନ କରି ନୂତନ ଖସଡ଼ା ପ୍ରସ୍ତୁତ କରିବାକୁ ସେ ଇଂଜିନିୟରିଂ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଷ୍ଟଲ ଭଡା ଆଦାୟକୁ ଗୁରୁତ୍ୱ ଦିଆଯାଇ ପ୍ରାୟ ୫୦ଲକ୍ଷ ଟଙ୍କା ଅସୁଲ କରାଯାଇଛି। ଆଗକୁ ହୋଲ୍ଡିଂ ଟ୍ୟାକ୍ସ ଉପରେ ମଧ୍ୟ ଫୋକସ ଦିଆଯିବ। ଏଥିପାଇଁ ଟାଟାପାୱାର ସହିତ ସମନ୍ୱୟ ରକ୍ଷା କରି ରେସିଡେନ୍ସିଆଲ ଓ କମର୍ସିଆଲ ବିଦ୍ୟୁତ ସଂଯୋଗ ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯିବ। ପରବର୍ତ୍ତି ସମୟରେ କମର୍ସିଆଲ ଓ ରେସିଡେନ୍ସିଆଲ ଗ୍ରାହକଙ୍କ ଠାରୁ ଆବଶ୍ୟକ ମୁତାବକ ହୋଲ୍‌ଡିଂ ଟ୍ୟାକ୍ସ ଆଦାୟ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି କମିଶନର। ତେବେ ଏହା ଭିତରେ ନୂତନ ଘରଗୁଡିକ ସମ୍ପର୍କିତ ତଥ୍ୟ ସଂଗ୍ରହ କାରାଯାଇ ହୋଲ୍‌ଡିଂ ଟ୍ୟାକ୍ସ ଆଦାୟକୁ କିଭଳି ତ୍ୱରାନ୍ୱିତ କରାଯାଇପାରିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ ବୈଠକରେ ସୂଚନା ଦେଇଥିଲେ। ବୈଠକରେ ମେୟର ଓ କମିସନରଙ୍କ ବ୍ୟତିତ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ଆଶୀର୍ବାଦ ପରିଡା, ସୁଶାନ୍ତ କୁମାର ଡୁଙ୍ଗଡୁଙ୍ଗ, ବିତ୍ତ ଅଧିକାରୀଙ୍କ ସମେତ ପ୍ରାୟ ସମସ୍ତ କର୍ପୋରେଟର ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

● ଏମକେସିଜି ଔଷଧ ଭଣ୍ଡାରରୁ ଦାମୀ ଇଞ୍ଜେକ୍ସନ ଚୋରି ଘଟଣା

# କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ରଖିଲେ ଷ୍ଟୋର୍ ଫାର୍ମାସୀ

ବ୍ରହ୍ମପୁର,୨୪।୪(ସମିସ)

ଏମକେସିଜି ମେଡିକାଲ ଔଷଧ ଭଣ୍ଡାରରୁ ଦାମୀ ଇଞ୍ଜେକ୍ସନ ଚୋରି ଘଟଣାରେ ଆଭ୍ୟନ୍ତରୀଣ ତଦନ୍ତ ଚାଲୁ ରହିଛି। ପ୍ରଥମ ଦିନରେ ଦୁଇଜଣ ଷ୍ଟୋର ଫାର୍ମାସୀ ଅଫିସରଙ୍କ ସମେତ ଜଣେ ନର୍ସିଂ ଅଫିସର ମେଡ଼ିକାଲ ଷ୍ଟୋର ଅଫିସର ଡ଼ା. ଚିନ୍ମୟ ଦେବାଶିଷ ପଣ୍ଡାଙ୍କ ନିକଟରେ ହାଜର ହୋଇ ମତ ଦେଇଥିଲେ। ପୂର୍ବରୁ ସମ୍ପୃକ୍ତ ଫାର୍ମାସୀ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବେଳେ ଶୁକ୍ରବାର ଷ୍ଟୋର ଫାର୍ମସୀ ଅଫିରସ ଜଣଙ୍କ ନିଜ ଉତ୍ତର ରଖିଛନ୍ତି। କାହିଁକି ଓ କେଉଁ ପରିସ୍ଥିତିରେ ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ ଡଷ୍ଟବିନ ମଧ୍ୟକୁ ଆସିଲା। ଇଞ୍ଜେକ୍ସନ୍ ପ୍ୟାକେଟ ସିଲ ଥିବା ବେଳେ କେମିତି ଫାର୍ମାସୀ ଜଣଙ୍କ ଜଣିପାରିଲେ ନାହିଁ। ଏହା ସହ କେବେ ଓ କେତେ ଗୋଟି ଇଞ୍ଜେକ୍ସନ୍ ଲୋକାଲ ପର୍ଚେଜ କରାଯାଇଥିଲା। ସେଥି ମଧ୍ୟରୁ କେତେଟି ଲେଖାଏଁ ଇଞ୍ଜେକ୍ସନ୍ କେଉଁ କେଉଁ ବିଭାଗକୁ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଷ୍ଟୋରରେ କେତେ ଇନସୁଲିନ୍ ଗ୍ଲାର୍ଜିନ୍ ଇଞ୍ଜେକ୍ସନ୍ ଷ୍ଟକ ରହିଛି। ଏଭଳି ବିଭିନ୍ନ ତଥ୍ୟ ସହ ମଗାଯାଇଥିବା କାରଣ ଦର୍ଶାଅ ନୋଟିସର ଉତ୍ତର ରଖିଥିଲେ। ଅନ୍ୟପକ୍ଷରେ ସମସ୍ତ ତଥ୍ୟ ସଂଗ୍ରହ ପରେ ରିପୋର୍ଟ ମେଡ଼ିକାଲ ଅଧୀକ୍ଷକଙ୍କୁ ପ୍ରଦାନ କରାଯିବ। ଅବଶ୍ୟକ ସ୍ଥଳେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ତଦନ୍ତ ହୋଇପାରେ ବୋଲି ମେଡ଼ିକାଲ ଷ୍ଟୋର ଅଫିସର ଡ଼ା. ଚିନ୍ମୟ ଦେବାଶିଷ ପଣ୍ଡା ସୂଚନା ଦେଇଛନ୍ତି।



## ନାରାୟଣୀ ମନ୍ଦିରରେ ଉପ-ମୁଖ୍ୟମନ୍ତ୍ରୀ



ଖଲ୍ଲିକୋଟ,୨୪।୪(ସମିସ): ପ୍ରସିଦ୍ଧ ଶକ୍ତିପୀଠ ମା'ନାରାୟଣୀଙ୍କ ମନ୍ଦିର ପରିଦର୍ଶନ କରିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା। ଠାକୁରାଣୀଙ୍କୁ ଦର୍ଶନ କରି ଆଶୀର୍ବାଦ ଲାଭ କରିବା ସହ ମନ୍ଦିରରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି। ମନ୍ଦିରର ଉନ୍ନତି ପାଇଁ ୧୫ କୋଟି ଟଙ୍କା ଦିଆଯାଇଥିବା ଏବଂ ଏଥିପାଇଁ ଟେଣ୍ଡର ସରି କାମ ନେଇଥିବା ଠିକାଦାର ମୋ ସହିତ ଆସିଛନ୍ତି ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଥିଲେ। ଯଦି ଆବଶ୍ୟକ ପଡ଼େ ଆହୁରି ଅର୍ଥ ଦିଆଯିବ ବୋଲି ମଧ୍ୟ ସେ କହିଥିଲେ। ବର୍ତ୍ତମାନ ସବୁ ଶକ୍ତିପୀଠ ଗୁଡିକର ଉନ୍ନୟନ ମୂଳକ କାର୍ଯ୍ୟ ଚାଲିଛି। କାମ ସମ୍ପୂର୍ଣ୍ଣ ହୋଇଗଲେ ରାଜ୍ୟରେ ଏକ ଶକ୍ତି କରିଡର କରାଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ଗସ୍ତ ସମୟରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ରାଜ୍ୟ ପର୍ଯ୍ୟଟନ ସଚିବ ବଳବନ୍ତ ସିଂ, ଗଞ୍ଜାମ ଅତିରିକ୍ତ ଏସ୍‌ପି ଚିନ୍ମୟ ନାୟକ, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ, ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲ, ତହସିଲଦାର ଡି. ମାଲେଶ୍ୱର ପାତ୍ର, ଖଲ୍ଲିକୋଟ ବନାଞ୍ଚଳ ଅଧିକାରୀ ଦିବ୍ୟ ଶଙ୍କର ବେହେରା, ସିଡିପିଓ ମଧୁସ୍ମିତା ପରିଡା, ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

● ଜାତୀୟ ପଞ୍ଚାୟତିରାଜ ଦିବସ

## ମନ୍ତ୍ରୀଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ବଣ୍ଟନ



ପୋଲସରା,୨୪।୪(ସମିସ): ପୋଲସରା ବ୍ଲକ ପରିସରରେ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶିଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ କ୍ଷୁଦ୍ର ଓ ଅତି କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମନ୍ତ୍ରୀ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ସମ୍ପର୍କରେ ଅବଗତ କରାଇବା ସହ ୧୬୯ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ବଣ୍ଟନ ସହିତ ନିର୍ଦ୍ଧାରିତ ସମୟ ଭିତରେ ଘରକାମ ସାରିଥିବା ୨୦ ଜଣ ହିତାଧିକାରୀଙ୍କୁ ୨୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ଝୁନୁ ଦାସ, ବ୍ଲକ ସାଂସଦ ପ୍ରତିନିଧି ଶରତ ଚନ୍ଦ୍ର ପାଣିଗ୍ରାହୀ ମଞ୍ଚାସିନ ହୋଇଥିବାବେଳେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା/ସଭ୍ୟ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

● ବ୍ରିଜ ସେଣ୍ଟ୍ରିଙ୍ଗ ଖୋଲିବା ବେଳେ ଅଘଟଣ

## ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ପୋଲସରା,୨୪।୪(ସମିସ): ପୋଲସରା ଥାନା ଆଦିବାସୀ ଅଧ୍ୟୁଷିତ ଅଂଚଳ ପାଣ୍ଡିରିପଡ଼ା ପଞ୍ଚାୟତ ନିରାଶପଲ୍ଲୀ ଗ୍ରାମ ନିକଟରେ ବ୍ରିଜ୍ ସେଣ୍ଟ୍ରିଙ୍ଗ ଖୋଲୁଥିବାବେଳେ ବିଦ୍ୟୁତ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡା ଅଞ୍ଚଳ ନାଳମାରି ଗ୍ରାମର ବନ୍ଦକୁ ଜାନି (୨୬)। ମୃତକ ଜଣକ ଠିକାଦାର ଅଧୀନରେ ମିସ୍ତ୍ରୀ ଭାବେ କାମ କରୁଥିଲେ। ଶୁକ୍ରବାର ପାଖାପାଖି ଅପରାହ୍ନ ୪ଟାରେ ବ୍ରିଜର ଛାତ କାମ ପାଇଁ ସେଣ୍ଟ୍ରିଂ ବାହାର କରୁଥିବା ବେଳେ ଛାତ ଉପର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଆଘାତ ପାଇଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଅନ୍ୟ ଶ୍ରମିକ ମିଶି ତାଙ୍କୁ ସଙ୍ଗେ ସଙ୍ଗେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ଶବ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ଏହା ଅସାବଧାନତା ନା ଠିକା ସଂସ୍ଥାର ଦାୟିତ୍ୱହୀନତା ପାଇଁ ବାହାର ଜିଲ୍ଲାର ଜଣେ ନିରୀହ ଶ୍ରମିକର ଜୀବନ ଗଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆସନ୍ତାକାଲି ଉକ୍ତ ଶ୍ରମିକଙ୍କ ପରିବାର ଲୋକେ ଆସିବା ପରେ ଶବ ବ୍ୟବଚ୍ଛେଦ ହେବ ବୋଲି ପୁଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ଗ୍ରୀଷ୍ମ ପ୍ରଭାବକୁ ନଜରରେ ରଖି ଦିନ ୧୧ଟାରୁ ୩ ଟା ପର୍ଯ୍ୟନ୍ତ କାମ ବନ୍ଦ ପାଇଁ ନିର୍ଦ୍ଦେଶ ଜାରୀ କରିଥିବା ବେଳେ ପୋଲସରା ଅଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟରେ ଦିନତମାମ ନିୟୋଜିତ ଶ୍ରମିକ ଟାଣ ଖରାରେ କାମ କରୁଥିବା ଦେଖିବାକୁ ମିଳିଛି।

ପୁଣି ଦାଦନଙ୍କ ମୃତ୍ୟୁ

# ମୁମ୍ବାଇରୁ ଶବ ହୋଇ ଫେରିଲେ ଅଶୋକ

## ସରପଞ୍ଚଙ୍କ ହସ୍ତକ୍ଷେପ ପରେ କ୍ଷତିପୂରଣ ପାଇଲେ ମୃତକଙ୍କ ପରିବାର

ପୋଲସରା,୨୪।୪(ସମିସ): ପୋଲସରା ଅଞ୍ଚଳରୁ ଥମୁନି ଦାଦନ ଯନ୍ତ୍ରଣା। ପେଟ ପାଇଁ କେତେବେଳେ ନିଜ ଜୀବନ ତ ଆଉ କେତେବେଳେ ଶରୀରକୁ ବାଜିରେ ଲଗାଇ ମୂଲ୍ୟବାନ ଅଙ୍ଗ ହରାଇଥାନ୍ତି ପ୍ରବାସୀ ଶ୍ରମିକ। ପୁଣି କେବେ କେବେ ମାଲିକଙ୍କ ଦ୍ୱାରା ଅକଥନୀୟ ଯନ୍ତ୍ରଣା ପାଉଥିବା ଭଳି ଘଟଣା ଏବେ ନିତିଦିନିଆ ହୋଇଗଲାଣି। ପୁଣି ଏଭଳି ଏକ ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳିଛି। ଏବେ ପୁଣି ଜଣେ ଦାଦନଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୋଲସରା ବ୍ଲକ ଅନ୍ତର୍ଗତ ପାଣ୍ଡିରିପଡ଼ା ପଞ୍ଚାୟତ ଅଧିନରେ ଥିବା ଝିକିରି ଗ୍ରାମର ଯୁବକ ଅଶୋକ କୁମାର ପ୍ରଧାନ।

ସୂଚନା ପ୍ରକାରେ ଝିକିରି ଗ୍ରାମର ରବି ପ୍ରଧାନ ଓ ଶାନ୍ତି ପ୍ରଧାନଙ୍କ ୪ଝିଅ ଓ ୩ ପୁଅ। ବଡ଼ପୁଅ ଶଙ୍କର ମଝିଆ ଅଶୋକ ଓ ସାନ ପୁଅ ଆକାଶ ୩ ଜଣ ମୁମ୍ବାଇର ବଦଲାପୁର ଅଞ୍ଚଳରେ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବଡ଼ ଭଉଣୀ ସୁଦେଷ୍ଣାର ବିବାହ ଖର୍ଚ୍ଚ ଶୁଝିବା ସହ ଅନ୍ୟ ୩ ଭଉଣୀଙ୍କ ବିବାହ ପାଇଁ ଟଙ୍କା ସଂଚୟ କରୁଥିଲେ। ତେବେ ୪ ଦିନ ତଳେ ୩



ଭାଇ ମିଶି ଏକ ୫ ମହଲା ଘର ନିର୍ମାଣରେ ନିୟୋଜିତ ଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ୨୨ ବର୍ଷୀୟ ଅଶୋକ କାର୍ଯ୍ୟ କରିବା ସମୟରେ ହଠାତ୍ ୫ ମହଲାର ତଳକୁ ଖସି ପଡ଼ିଥିଲେ। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଦୁଇ ଭାଇଙ୍କ ଚେଷ୍ଟାରେ ଉକ୍ତ ସଂସ୍ଥା ତରଫରୁ ମୃତ ଅଶୋକଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ନିଜ ଗାଁକୁ ପଠାଇଥିଲେ। ପରିବାର ଲୋକେ ଏହାଦେଖି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଖବର ପାଇ ପାଣ୍ଡିରିପଡା ସରପଞ୍ଚ ରଘୁନାଥ ଭୂୟାଁ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ଆମ୍ବୁଲାନ୍ସଟିକୁ ଅଟକ ରଖି କମ୍ପାନୀ ମାଲିକ ସହ ଯୋଗାଯୋଗ କରି ମୃତକଙ୍କ ପରିବାର ପାଇଁ ଆର୍ଥିକ ସାହାଯ୍ୟ ୫ ଲକ୍ଷ ଟଙ୍କା ଯୋଗାଇବା ବ୍ୟବସ୍ଥା କରିଥିଲେ।

ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

## 'ସଶକ୍ତ ହେଲେ ଗାଁ, ବିକଶିତ ହେବ ରାଷ୍ଟ୍ର'



କୁକୁଡ଼ାଖଣ୍ଡି,୨୩।୪(ସମିସ): କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଡ଼ ପଲ୍ଲବୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ପାତ୍ର, ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ମହାପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଚୌଧୁରୀ, ପ୍ରାଣୀଧନ ଚିକିତ୍ସାଧିକାରୀ ଡ଼ା ପୀତବାସ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବିଡ଼ିଓ କହିଥିଲେ ଯେ, ଗାଁ ସଶକ୍ତ ହେଲେ ପଞ୍ଚାୟତର ବିକାଶ ସହ ରାଷ୍ଟ୍ର ବିକାଶରେ ବି ଏହା ସହାୟକ ହେବ। ଏଣୁ ପଞ୍ଚାୟରାଜ ଦିବସ ଏକ ପାଳନ ନୁହେଁ ବରଂ ନାରୀମାନଙ୍କୁ ସଶକ୍ତ କରିବା, ସୁସ୍ଥ ସମାଜ ଗଠନ କରିବା, ସ୍ୱଚ୍ଛ ଓ ସବୁଜ ଗାଁରେ ପରିଣତ କରିବା, ବିକଶିତ ଓ ସଫଳ କ୍ରମନ୍ୱୟନ ଗ୍ରାମରେ ପରିଣତ କରିବାର ଯୋଜନାବଦ୍ଧ ସଂକଳ୍ପ ଦିବସ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିଭଳି ବିଇଓ ପଞ୍ଚାୟତିରାଜ ଦିବସ ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାର ଏହାର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରି ବ୍ଲକରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ କହିଥିଲେ। ଶିକ୍ଷା ଅଧିକାର ଆଇନକୁ ଅଧିକ ସଚେତନ କରିବା ଦିଗରେ ସେ ଜୋର ଦେଇଥିଲେ। ଏହି ଅବସରରେ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ବଶିଷ୍ଟ କୁମାର ଜେନା, କ୍ରାନ୍ତି କୁମାରୀ ଦେବୀ, ଅନିଲ କୁମାର ଗୌଡ଼, ଝିଲି ସେଠୀ, ଚନ୍ଦ୍ରଶେଖର ନାୟକ, ରାଧାମୋହନ ସେଠୀ, ଗୌରୀ ଗୌଡ଼, ସସ୍ମିତା କୁମାରୀ ସାହୁ, ଶଶୀ ବେହେରା, ଲକ୍ଷ୍ମୀ ମହାକୁଡ଼, ସୁକାନ୍ତ କୁମାର ଶାସମଲ, ସଞ୍ଜୟ ସାହୁ, କାମେଶ୍ୱର ବିଶ୍ୱାଳ, କୃଷ୍ଣ ସାହୁ, ଜିତେନ୍ଦ୍ର ସେଠୀଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

● ବାଲି ଚାଲାଣକୁ ନେଇ ଉତ୍ତେଜନା ଘଟଣା

## ନନ୍ଦିଗୋର ସମସ୍ୟାରେ ପୂର୍ଣ୍ଣଚ୍ଛେଦ; ଲକ୍ଷ୍ମୀପୁର ବାଲିଘାଟକୁ ନେଇ ଉତ୍ତେଜନା

ଧରାକୋଟ,୨୪।୪(ସମିସ): ଗଞ୍ଜାମ ଜିଲ୍ଲାର ଧରାକୋଟ ତହସିଲ ଅଧିନରେ ଥିବା ଋଷିକୁଲ୍ୟା ନଦୀର କପିଳାସ ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନକୁ ନେଇ ନନ୍ଦିଗୋର ଗ୍ରାମବାସୀ ଗତ ରବିବାର ସନ୍ଧ୍ୟାରେ ଦୁଇଟି ହିଟାଚି ମେସିନକୁ ଜବରଦସ୍ତ ବନ୍ଦ କରିବା ପରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାର ସମାଧାନ ପାଇଁ ଆଜି ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ଆବାହକତ୍ୱରେ ଏକ ବୈଠକ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ଜିଲ୍ଲା ଖଣି ବିଭାଗର ଅଧିକାରୀ ଅକ୍ଷୟ ସାମଲ, ଧରାକୋଟ ଥାନା ଏଏସଆଇ ଅନିଲ ଶବର, କପିଳାସ ବାଲିଘାଟ ଲିଜ୍‌ଧାରୀ ଚିରଞ୍ଜିବୀ ଦାସ, ନନ୍ଦିଗୋର ଗାଁ କମିଟି ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଜିର ନିଷ୍ପତ୍ତି ଅନୁଯାୟୀ ଆଗାମୀ ୧୦ଦିନ ଭିତରେ ଖଣି ବିଭାଗ ତରଫରୁ ମ୍ୟାପ୍ ଅନୁଯାୟୀ ସୀମା ନିର୍ଦ୍ଧାରଣ କରାଯିବ। ଏଥିରେ ଉଭୟେ ଗାଁ କମିଟି ଓ ଲିଜଧାରି ଉପସ୍ଥିତ ରହିବେ। ସୀମା ନିର୍ଦ୍ଧାରଣ ପରେ ନନ୍ଦିଗୋର ଗାଁ ନିକଟ କେଉଁ ଅଞ୍ଚଳରୁ ବାଲି ଉତ୍ତୋଳନ କରାଯିବ ତାହା ଉଭୟପକ୍ଷ ନିଜର ସହମତିରେ ନିଷ୍ପତ୍ତି ଗ୍ରହଣ କରିବେ। ଯାହା କିଛି ସମସ୍ୟା ଉପୁଜିବ ତାହା ଲିଜଧାରି ଓ ଗାଁ କମିଟି ବସି ସମାଧାନ କରିବେ।

ଆଜିର ବୈଠକ ଏକ ରକମ ସହଯୋଗ ଭିତ୍ତିରେ ସମ୍ପନ୍ନ ହୋଇଥିବା ବେଳେ ଅନ୍ୟ ପକ୍ଷରେ ଧରାକୋଟ ତହସିଲର ଲକ୍ଷ୍ମୀପୁର ବାଲି ଘାଟରୁ ବେଧଡ଼କ ବାଲି ଚାଲାଣକୁ ନେଇ ଲକ୍ଷ୍ମୀପୁର ହରିଜନ ସାହି ବାସିନ୍ଦା ଉତ୍ତେଜିତ ହୋଇ ଗତ ଗୁରୁବାର ରାତିରେ ଗାଡ଼ି ସାହିରାସ୍ତାରେ ଯିବାବେଳେ ଅଟକାଇଥିଲେ। ଏହି ରାସ୍ତାରେ ରାତିସାରା ବାଲି ଗାଡ଼ି ଚଳପ୍ରଚଳ ଯୋଗୁ ଲୋକେ ଶୋଇପାରୁ ନାହାନ୍ତି, ଘରଦ୍ୱାର ଧୂଳି ଭର୍ତ୍ତି ହାଇରହୁଛି। ୧୦ ଟନରୁ ଅଧିକ ବାଲି ବୋଝେଇ ହୋଇ ଯାଉଥିବାରୁ କମ୍ପନ ସୃଷ୍ଟି ହୋଇ ରାସ୍ତା ଦବିଯାଇ ନଷ୍ଟ ହୋଇଯାଇଥିବା ବେଳେ ଘର ଗୁଡ଼ିକ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଲାଣି। ଏଣୁ ଉତ୍ତେଜିତ ଲୋକେ ଗୁରୁବାର ରାତିରେ ବାଲି ବୋଝେଇ ଗାଡିକୁ ଅଟକାଇବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଧରାକୋଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ଆଜି ଲକ୍ଷ୍ମୀପୁର ହରିଜନ ସାହିର ଶତାଧିକ ଲୋକ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ଭେଟି ବାଲିଘାଟ ବନ୍ଦ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏପରିକି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ। ଏହି ଘଟଣା ସମ୍ପର୍କରେ ଖଣି ବିଭାଗକୁ ଅବଗତ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ସଂପ୍ରତି ବେଧଡ଼କ ବାଲି ଉତ୍ତୋଳନ ଓ ଚାଲାଣକୁ ନେଇ ଧୀରେ ଧୀରେ ଧରାକୋଟ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନ ଯଦି ଏଦିଗରେ ସଠିକ ଭାବରେ ପଦକ୍ଷେପ ଗ୍ରହଣ ନକରେ ତାହେଲେ ଆଗାମୀ ଦିନରେ ସ୍ଥିତି ବିଗିଡିଯିବାର ସମ୍ଭାବନା ରହିଛି।



## ଆକ୍ରମଣ ମାମଲାରେ ଯୁବକ ଗିରଫ

ବ୍ରହ୍ମପୁର,୨୪।୪(ସମିସ): ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ଟାଉନ୍ ଥାନା ପୁଲିସ ବ୍ରହ୍ମପୁର ସହରର ରାହୁଲ ଗୌଡ(୨୮)ଙ୍କୁ ଗିରଫ କରିଛି। ରେଡିଓ୍ୱଷ୍ଟେସନ ନିକଟରେ ରହୁଥିବା ଦୀପୁନ ନାୟକ ୨୦ ତାରିଖ ରାତିରେ ଷ୍ଟେଟବ୍ୟାଙ୍କ ଛକ ଦେଇ ଯାଉଥିବା ବେଳେ ଅଭିଯୁକ୍ତ ରାହୁଲ ଓ ତାଙ୍କ ବାପା ରାସ୍ତାରେ ଅଟକାଇଥିଲେ। ଏହାପରେ ରାହୁଲ ଓ ତାଙ୍କ ବାପା ମିଳିତ ଭାବେ ଦୀପୁନଙ୍କୁ ଧାରୁଆ ବ୍ଲେଡରେ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ଦୀପୁନ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଆଜି ରାହୁଲଙ୍କୁ ଗିରଫ କରାଯାଇଥିବା ବେଳେ ଆକ୍ରମଣରେ ସମ୍ପୃକ୍ତ ରାହୁଲଙ୍କ ବାପା ଫେରାର ଥିବା ଜଣାପଡିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ କରାଯାଇଥିବା କୁହାଯାଉଛି।

## ମତ୍ସ୍ୟଜୀବୀଙ୍କ କୁଡ଼ିଆ ପୋଡ଼ିଲେ ଦୁର୍ବୃତ୍ତ

ବ୍ରହ୍ମପୁର,୨୪।୪(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ମତ୍ସ୍ୟଜୀବୀ ଡ଼ି. ବିଶ୍ୱନାଥ ରେଡ୍ଡୀଙ୍କ କୁଡ଼ିଆକୁ କେହି ପୋଡ଼ି ଦେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ବିଶ୍ୱନାଥ ବିଲରେ ଏକ କୁଡ଼ିଆ କରି ମାଛ ଧରିବା ସାମଗ୍ରୀ ରଖୁଥିଲେ। ବୁଧବାର ମଧ୍ୟ ରାତ୍ରରେ କୁଡ଼ିଆକୁ ଗ୍ରାମର ଭି. ଭେଙ୍କଟେଶ୍ୱର ରେଡ୍ଡୀ ନିଆଁ ଲଗାଇ ପୋଡ଼ି ଦେଇଥିଲା। କୁଡ଼ିଆରେ ଥିବା ମାଛ ମାରିବା ଜାଲ ୫୦ଟି, ଗୋଟିଏ ପାଣି ମଟର, ୩ ଶହ ଫୁଟର ଡେଲିଭେରି ପାଇପ ଓ କିଛି ରସ ସାମଗ୍ରୀ, ଡିଜେଲ ଓ ଅଏଲ ୨୦ଲିଟର ରଖିଥିଲେ। ଉକ୍ତ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୮୦ହଜାର ଟଙ୍କା ହୋଇଥିବା ବେଳେ ଏହା ପୋଡ଼ି ନଷ୍ଟ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିବା ବେଳେ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିବା ପୁଲିସ କହିଛି।

## ବେଲଗୁଣ୍ଠା ବ୍ଲକରେ ସରକାରୀ ସହାୟତା ବଣ୍ଟନ ସମାରୋହ



ବେଲଗୁଣ୍ଠା,୨୪।୪(ସମିସ): ବେଲଗୁଣ୍ଠା ବ୍ଲକ ପ୍ରଶାସନ ତରଫରୁ ସରକାରୀ ସହାୟତା ପ୍ରଦାନ ସମାରୋହ ସ୍ଥାନୀୟ ନୋଡାଲ ଜିଟି ହାଇସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଙ୍ଗାପୁରମ ହରି ଅଧ୍ୟକ୍ଷତା କରିଥିଲେ। ସୋରଡା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମମତା ଭୋଳ, ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ତହସିଲଦାର କଳାକୃଷ୍ଣ ପ୍ରଧାନ, ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ ଏବଂ ଅତିରିକ୍ତ ବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ ଉପସ୍ଥିତ ରହି ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସରକାରଙ୍କ ତିନୋଟି ପ୍ରମୁଖ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବେଲଗୁଣ୍ଠା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନପ୍ରତିନିଧି, ବ୍ଲକ କର୍ମଚାରୀ ଏବଂ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁ ସରପଞ୍ଚ, ସମିତି ସଭ୍ୟ ୱାର୍ଡ ମେମ୍ବର, ପଞ୍ଚାୟତସ୍ତରୀୟ ବହୁ ନେତା ଉପସ୍ଥିତ ଥିଲେ।

ପୀତବାସ ପଣ୍ଡା ହତ୍ୟା ମାମଲା

# ମଳୟ, ଯୋଗୀ ଓ କାଳୁଙ୍କ ପିଟିସନର ଶୁଣାଣି ଶେଷ; ରାୟ ସଂରକ୍ଷିତ

ବ୍ରହ୍ମପୁର,୨୪।୪(ସମିସ)

**ତଥାପି ସରିନି ପେନ୍‌ଡ୍ରାଇ୍ ଡ୍ରାମା, ଡିସ୍‌ଚାର୍ଜ ପିଟିସନର ପରବର୍ତ୍ତି ଶୁଣାଣି ମେ ୨ରେ**

**କୋର୍ଟରେ ହାଜର ହେଲେ ରାଜେନ୍ଦ୍ର, ମଦନଙ୍କ ବ୍ୟତିତ ଆଭାସୀରେ ଅନ୍ୟ ୧୪ଜଣ**

ବହୁ ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଆଜି ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଅଭିଯୁକ୍ତଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ପିଟିସନ ଉପରେ ଶୁଣାଣି ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ତାରିଖରେ ଗତକାଲି ପ୍ରସିକ୍ୟୁସନ ପକ୍ଷରୁ କୋର୍ଟରେ ପେନ୍‌ଡ୍ରାଇଭ ଦାଖଲ କରାଯାଇଥିଲା। ସମସ୍ତଙ୍କ ଉପସ୍ଥିତିରେ ଉକ୍ତ ପେନଡ୍ରାଇଭକୁ ଯାଞ୍ଚ ପରେ ସେଗୁଡିକୁ ଅଭିଯୁକ୍ତଙ୍କ ଓକିଲମାନେ ଗ୍ରହଣ କରିଥିଲେ। ତେବେ ଗତକାଲି ୬ଜଣ ଓ ଆଜି ୮ଜଣ ଏଭଳି ମୋଟ ୧୪ଜଣ ଅଭିଯୁକ୍ତଙ୍କ ଓକିଲ ପେନଡ୍ରାଇଭ ଗ୍ରହଣ କରିଥିଲେ। ଫଳରେ ତଥାପି ୨ଜଣଙ୍କ ପକ୍ଷରୁ ପେନଡ୍ରାଇଭ ଗ୍ରହଣ କରିବା ସମ୍ଭବପର ହୋଇନଥିବା ଜଣାପଡିଛି। ସ୍ଥାନୀୟ କୋର୍ଟରେ ଯଦିଓ ପେନଡ୍ରାଇଭକୁ ନେଇ ଚାଲିଥିବା ଡ୍ରାମା ଏକ ରକମର ଶେଷ ହୋଇଛି ତଥାପି ଏଥିରେ କେଁ ରହିଛି। ନିକଟରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜାମିନ ଆବେଦନର ଶୁଣାଣି ବେଳେ ପ୍ରସିକ୍ୟୁସନ ପକ୍ଷରୁ ହାଇକୋର୍ଟରେ ଦାଖଲ କରାଯାଇଥିବା ପେନ୍‌ଡ୍ରାଇଭରେ କି ତଥ୍ୟ ରହିଛି ତାହା ଏଠାରେ ଦାଖଲ ହୋଇଥିବା ତଥ୍ୟ ସହିତ ସାମଞ୍ଜସ୍ୟ ରହିଛି ଅଥବା ଅନ୍ୟକିଛି ନୂତନ ତଥ୍ୟ ରହିଛି ତାହା ଜାଣିବାକୁ ଚାହିଁଥିଲେ ଅଭିଯୁକ୍ତଙ୍କ ଓକିଲ। ଫଳରେ ପେନଡ୍ରାଇଭକୁ ନେଇ ଚାଲିଥିବା ଡ୍ରାମାରେ ନୂଆ ମୋଡ଼ ଆସିବାର ଆଶଙ୍କା ଦେଖାଦେଇଛି। ସେପଟେ ମୋଟ ଅଭିଯୁକ୍ତଙ୍କ ପକ୍ଷରୁ ୧୦ଜଣ ଡିସଚାର୍ଜ ପିଟିସନ ଦାଖଲ କରିଥିବା ବେଳେ ତାହା ଉପରେ ଶୁଣାଣି ଆରମ୍ଭ ହୋଇଥିଲା। ତେବେ ପ୍ରସିକ୍ୟୁସନ ପକ୍ଷରୁ ଆବଶ୍ୟକ ସମସ୍ତ ଦଲିତ ବା ତଥ୍ୟ ଅଭିଯୁକ୍ତଙ୍କ ଓକିଲଙ୍କୁ ପ୍ରଦାନ କରାଯାଇନଥିବା ଦର୍ଶାଇ ଆଜି ଉଭୟ ପକ୍ଷର ଓକିଲଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଯୁକ୍ତିତର୍କ ହୋଇଥିଲା। ସାଧାରଣତଃ କମିଟମେଣ୍ଟର ୬୦ଦିନ ପରେ ଚାର୍ଜଫ୍ରେମ ହେବାର ନିୟମ ଥିବା ବେଳେ ତାହା ପୂର୍ବରୁ ଅଭିଯୁକ୍ତଙ୍କ ଓକିଲଙ୍କୁ ମାମଲା ସମ୍ପର୍କିତ ସମସ୍ତ ଦଲିଲ ପ୍ରସିକ୍ୟୁସନ ପକ୍ଷରୁ ଯୋଗାଇବା ଜରୁରୀ ଥିବା ବିଭିନ୍ନ ମାମଲାରେ ଏକାଧିକ ହାଇକୋର୍ଟଙ୍କ ରାୟ ଥିବା ଦର୍ଶାଯାଇଥିଲା। ଯାହାକୁ ନେଇ କୋର୍ଟ ମାମଲାର ଶୁଣାଣି ଆସନ୍ତା ମେ'୨ ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ତଥ୍ୟ ଓ ଦଲିଲ ପ୍ରଦାନ କରିବାର ୬୦ଦିନ ପରେ ଚାର୍ଜ ଫ୍ରେମ ହୋଇପାରିବ ବୋଲି ଅଭିଯୁକ୍ତଙ୍କ ଓକିଲ ଦାବି କରିଛନ୍ତି।

ଶୁଣାଣି ବେଳେ ମାମଲାରେ ଜାମିନ ପାଇଥିବା ଏକମାତ୍ର ଅଭିଯୁକ୍ତ ରାଜେନ୍ଦ୍ର କୁମାର ସାହୁ କୋର୍ଟରେ ହାଜର ହୋଇଥିବା ବେଳେ ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ ଦାଶ ଫୁଲବାଣୀ ଜେଲରୁ ଓ ଅନ୍ୟ ୧୩ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ଆଭାସୀ ମାଧ୍ୟମରେ କୋର୍ଟରେ ହାଜର ହୋଇଥିଲେ। ତେବେ ଏମକେସିଜି ମେଡିକାଲରେ ଚିକିତ୍ସିତ ଅନ୍ୟତମ ଅଭିଯୁକ୍ତ ମଦନ ଦଳେଇ ଶୁଣାଣି ବେଳେ ଅନୁପସ୍ଥିତ ଥିଲେ। ମଳୟ ବିଶୋୟୀଙ୍କ ଚିକିତ୍ସା ପାଇଁ ପୂର୍ବରୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ହେଁ ସୁରକ୍ଷାବଳ ବା ଏସକର୍ଟ ପାର୍ଟିର ଅଭାବ ଦର୍ଶାଇ ପୁଲିସ ମଳୟଙ୍କୁ ମେଡିକାଲ ନେଉନଥିବା ନେଇ ତାଙ୍କ ଓକିଲ ଦୀପକ ପଟ୍ଟନାୟକ କୋର୍ଟକୁ ଜଣାଇଥିଲେ। ଏ ସଂକ୍ରାନ୍ତରେ ଦାଖଲ ପିଟିସନର ଶୁଣାଣି କରି କୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ସେପଟେ ଯୋଗେନ୍ଦ୍ର ଦୁଇ ଅଭିଯୁକ୍ତ ରାଉତ ଓ କାଳୁ ଚରଣ ଭୂୟାଁଙ୍କ ଜାମୀନ ଆବେଦନର ଶୁଣାଣି କରି ରାୟକୁ କୋର୍ଟ ସଂରକ୍ଷିତ ରଖିଛନ୍ତି। ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ନିୟୋଜିତ ସ୍ୱତନ୍ତ୍ର ପିପି କାଳୀଚରଣ ମିଶ୍ର ଓ ସହକାରୀ ପିପି ଅବିନାଶ ପାଢୀ ମୋକଦ୍ଦମା ପରିଚାଳନା କରିଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଦୀପକ ପଟ୍ଟନାୟକ, କପିଳେଶ୍ୱର ପଟ୍ଟନାୟକ, କୃଷ୍ଣ ପଟ୍ଟନାୟକ, କୈଳାସ ଚନ୍ଦ୍ର ପଣ୍ଡା, କୁମାର ବେହେରା, ଶାନ୍ତନୁ କୁମାର ସାବତ, ଜଗନ୍ନାଥ ମିଶ୍ର, ଚକ୍ରପାଣି ନାହାକ, ଆଶ୍ରିତ ବେହେରା, ଶିବରାମ ପାତ୍ର, ଗଞ୍ଜାମ ଜିଲ୍ଲା ମୁଖ୍ୟ ଡିଫେନ୍ସ କାଉନସିଲ କେ. କମଳ ଲୋଚନ ଦାସ ପ୍ରମୁଖ ମୋକଦ୍ଦମା ପରିଚାଳନା କରିଥିଲେ। ସେହିଭଳି ଆଇନଜୀବୀ ଦେବୀଦତ୍ତ ମହାପାତ୍ର କଟକରୁ ଆଭାସୀ ମାଧ୍ୟମରେ ଦୁଇ ଅଭିଯୁକ୍ତଙ୍କ ଜାମିନ ଆବେଦନ ପାଇଁ ମୋକଦ୍ଦମା ପରିଚାଳନା କରିଥିଲେ।






● ନାବାଳିକା ଅସଦାଚରଣ ମାମଲା

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର,୨୪।୪(ସମିସ): ଏକ ନାବାଳିକା ଅସଦାଚରଣ ମାମଲାର ବିଚାରଣା କରି ପ୍ରମାଣ ଅଭାବରୁ ବ୍ରହ୍ମପୁର ପୋକ୍‌ସୋ କୋର୍ଟର ବିଚାରପତି ରୋହିତ ଲାଲ ପଣ୍ଡା ଜଣେ ଅଭିଯୁକ୍ତକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଜଗନ୍ନାଥ ପ୍ରଧାନ। ସୂଚନାଯୋଗ୍ୟ ଯେ,୨୦୨୨ମସିହା ଏପ୍ରିଲ ୧୬ରେ ୧୪ ବର୍ଷର ଏକ ନାବାଳିକା ପରୀକ୍ଷା ଦେବାକୁ ଯାଉଥିବା ବେଳେ ଜଗନ୍ନାଥ ପ୍ରଧାନ ତାଙ୍କୁ ଅସଦାଚରଣ ସହ ବିଭିନ୍ନ ଧମକ ଦେଇଥିଲେ। ଏ ନେଇ ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା। କୋର୍ଟରେ ଏହି ମାମଲାର ବିଚାରଣା ବେଳେ ମୋଟ ୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ହେଲେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମୋକଦ୍ଦମା ପରିଚାଳନା କରୁଥିଲେ।

## ବ୍ରହ୍ମପୁର ମଣ୍ଡଳ କାରାଗାର ହାଇସିକ୍ୟୁରିଟି ସେଲ୍‌ରେ ରାଜା ସାହାଣୀ

ବ୍ରହ୍ମପୁର,୨୪।୪(ସମିସ): କୁଖ୍ୟାତ ଅପରାଧୀ ରାଜା ସାହାଣୀ ଓରଫ ଶୁଭମଙ୍କୁ ବ୍ରହ୍ମପୁର ଜେଲକୁ ଅଣାଯିବା ପରେ ହାଇ ସିକ୍ୟୁରିଟି ସେଲରେ ରଖାଯାଇଛି। ଶୁକ୍ରବାର ତାଙ୍କୁ କମିଶନରେଟ୍ ପୁଲିସର ସ୍ପେଶାଲ ସ୍କ୍ୱାଡ୍ ସହାୟତାରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ଅଣାଯାଇଥିଲା। ୨୦୨୫ମସିହାରେ ଚୌଦ୍ୱାର ଜେଲ୍‌ରୁ ନିଜ ସହଯୋଗୀଙ୍କ ସହ ଫେରାର ହୋଇ ଯାଇଥିବା ରାଜା ସାହାଣୀଙ୍କୁ ଅତି ସମ୍ବେଦନଶୀଳ ବା "ହାଇ-ରିସ୍କ' ବନ୍ଦୀ ଭାବେ ଗଣନା କରାଯାଉଛି। ସୁରକ୍ଷା ଦୃଷ୍ଟିକୋଣରୁ ଏବଂ ଅଧିକ ତଦନ୍ତ ପାଇଁ ତାଙ୍କୁ ଏଠାକୁ ଅଣାଯାଇଥିବା କୁହାଯାଉଛି। ଗତ ୨୦୨୫ ଅକ୍ଟୋବରରେ ଚୌଦ୍ୱାର ଜେଲ୍‌ରୁ ଫେରାର ହେବା ପରେ ତାଙ୍କୁ ଚଳିତ ମାସ ୧ ତାରିଖରେ ଉତ୍ତରାଖଣ୍ଡର ଋଷିକେଶରୁ ଗିରଫ କରାଯାଇଥିଲା। ସେ ସେଠାରେ ନିଜର ପରିଚୟ ଲୁଚାଇ "କମଲେଶ ପାଣ୍ଡେ' ନାମରେ ରହୁଥିଲେ। ବିହାରର ବେଗୁସରାଇ ବାସିନ୍ଦା ରାଜାଙ୍କ ନାମରେ ଓଡ଼ିଶା, ବିହାର, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ ଭଳି ବିଭିନ୍ନ ରାଜ୍ୟରେ ହତ୍ୟା, ଡକାୟତି ଓ ଚୋରି ଭଳି ୨୮ ରୁ ଅଧିକ ସଙ୍ଗୀନ ମାମଲା ରହିଛି।

## ବର୍ଷ ବର୍ଷ ଧରି ବସୁଧା ଜଳ ପ୍ରକଳ୍ପ ଅଚଳ

# ପାଣି ପାଇଁ ହନ୍ତସନ୍ତ ଦୁଇ ୱାର୍ଡବାସୀ

ଫିରିଙ୍ଗିଆ,୨୪।୪(ସମିସ)

ଫିରିଙ୍ଗିଆ ବ୍ଲକ ଡ଼ିମିରିଗୁଡା ପଞ୍ଚାୟତ କରେକାମ୍ବା, ଶ୍ରାଡିପଙ୍ଗା ଦୁଇ ୱାର୍ଡରେ ଜଳସଙ୍କଟ ଦେଖାଦେଇଛି। ନିର୍ମାଣର ବର୍ଷକ ପରେ ୪ ବର୍ଷରୁ ଅଧିକ ହେବ ବସୁଧା ଜଳ ପ୍ରକଳ୍ପ ଅଚଳ ହେବାରୁ ପ୍ରକଳ୍ପ କୌଣସି କାମରେ ଲାଗି ପାରୁନାହିଁ। ୩ ନମ୍ବର ୱାର୍ଡ କରେକାମ୍ବା ଏବଂ ୨ ନମ୍ବର ୱାର୍ଡ ଶ୍ରାଡି ପଙ୍ଗାରେ ୭୦ ଘର ରହିଥିବା ବେଳେ ୪ଶହରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ପ୍ରଶାସନ ତରଫରୁ ତିନୋଟି ନଳକୂପ ଖୋଳାଯାଇଛି। କିନ୍ତୁ ଏଥିରେ ଅଳ୍ପ ଅଳ୍ପ ପାଣି ଆସୁଥିବାବେଳେ ତାହା ମଧ୍ୟ ବ୍ୟବହାର ଉପଯୋଗୀ ହେଉନାହିଁ। କିଛି ନଳକୂପରୁ ପାଣି ବାହାରୁ ନାହିଁ। ଦୁଇ ସୋଲାର ପ୍ରକଳ୍ପ ଅଛି କିନ୍ତୁ ଗୋଟିଏ ଚାଲୁଥିବା ବେଳେ ଅନ୍ୟଟି ଖରାପ ଥିବା ଗ୍ରାମବାସୀ କହିଛନ୍ତି। ଯାହାକୁ ନେଇ ପାଣି ପାଇଁ ଲୋକେ ଅସୁବିଧା ଭୋଗୁଥିବା ବେଳେ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ଅଭିଯୋଗ ପରେ ଗାଁରେ ଅଞ୍ଚଳବାସୀଙ୍କ ସୁବିଧା ପାଇଁ ବସୁଧା ଜଳ ପ୍ରକଳ୍ପ ଲକ୍ଷାଧିକ ଟଙ୍କାରେ ନିର୍ମାଣ କରାଯାଇଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁଁ ତାହା ଅଚଳ ହୋଇ ପଡ଼ିରହିବା ସହ ବିଭିନ୍ନ ଜିନିଷ ନଷ୍ଟ ହେବାକୁ ବସିଛି।





ପ୍ରକଳ୍ପର ବିଦ୍ୟୁତ ବିଲ ୫୦ ହଜାରରୁ ଊର୍ଦ୍ଧ୍ୱ ଥିବା ଏବଂ ବିଦ୍ୟୁତ ବିଭାଗ ସଂଯୋଗ କାଟି ଦେବାରୁ ଏଭଳି ଅସୁବିଧା ହୋଇଥିବା ସୂଚନା ମିଳିଛି। ଏହି ଘଟଣାକୁ ନେଇ ଡ଼ିମିରିଗୁଡା ସରପଞ୍ଚ ମନୋଜ କହଁରଙ୍କୁ ପଚାରିବାରୁ ତୁରନ୍ତ ବିଦ୍ୟୁତ ବିଲ୍ ପୈଠ କରିବା ସହ ଯାହା ଅସୁବିଧା ଅଛି ତାର ସମାଧାନ କରାଯାଇ ପାଣି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଏହି ପାଣି ସଙ୍କଟ ଏବଂ ବସୁଧା ଜଳ ପ୍ରକଳ୍ପ ଅଚଳ ଘଟଣାକୁ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କୁ ପଚାରିବାରୁ ବିଦ୍ୟୁତ ବିଭାଗ ସହ ଆଲୋଚନା କରାଯାଇଛି ଓ ଦାୟିତ୍ୱରେ ଥିବା ଆର ଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ତୁରନ୍ତ ଏହାର ସମାଧାନ କରାଯାଇ ପାଣି ଯୋଗାଇବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ବର୍ତ୍ତମାନ ଖରା ବଢିବା ସାଙ୍ଗକୁ ପାଣି ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ପ୍ରଶାସନର ଅବହେଳାକୁ ଦାୟୀ କରିବା ସହ ତୁରନ୍ତ ଏହି ବସୁଧା ପ୍ରକଳ୍ପର ସ୍ଥାୟୀ ସମାଧାନ କରିବାକୁ ସୀତାରାମ ମଲିକ, ରବୀନ୍ଦ୍ର ମଲିକ, ରବୀନ୍ଦ୍ର ଦିଗାଲ, ଆନନ୍ଦେଶ୍ୱର ମଲିକ, ବାନାମ୍ବର ବାଘଙ୍କ ସହ ସମୂହ ଅଞ୍ଚଳବାସୀ ଦାବି କରିଛନ୍ତି। ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବୁ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଉପଜିଲ୍ଲାପାଳଙ୍କୁ ବଣିକ ସଂଘର ସ୍ମାରକପତ୍ର

**ବେଲଗୁଣ୍ଠା,୨୪।୪(ସମିସ):** ବେଲଗୁଣ୍ଠା ସହର ଓ ଆଖପାଖ ଅଞ୍ଚଳରେ ଦୀର୍ଘଦିନ ଧରି ରନ୍ଧନ ଗ୍ୟାସ୍ ବିତରଣରେ ଦେଖାଦେଇଥିବା ବ୍ୟାପକ ଅନିୟମିତତା ପ୍ରତିବାଦରେ ଆଜି ବେଲଗୁଣ୍ଠା ବଣିକ ସଂଘ ପକ୍ଷରୁ ଭଞ୍ଜନଗର ଉପ-ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ବେଲଗୁଣ୍ଠାର ଗ୍ରାହକମାନେ ଠିକ୍ ସମୟରେ ସିଲିଣ୍ଡର ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିସହ କେତେକ ସଙ୍ଗୀନ ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଗ୍ରାହକମାନେ ନ ଜାଣି ମଧ୍ୟ ସେମାନଙ୍କ ନାମରେ ଗ୍ୟାସ୍ ବୁକ୍ ହୋଇଯାଉଛି। ଫଳରେ ଗ୍ରାହକଙ୍କୁ ପ୍ରକୃତରେ ଯେତେବେଳେ ଗ୍ୟାସ୍ ଆବଶ୍ୟକ ହେଉଛି, ସେତେବେଳେ ସେମାନେ ଆଉ ବୁକିଂ କରିପାରୁନାହାନ୍ତି। କମର୍ସିଆଲ୍ ଗ୍ୟାସ୍ ସିଲିଣ୍ଡର ମିଳିବାରେ ଅସୁବିଧା ଯୋଗୁଁ ଅଞ୍ଚଳର ବହୁ ହୋଟେଲ, ମିଠା ଦୋକାନ ଓ ଜଳଖିଆ ଦୋକାନ ବନ୍ଦ ହେଲାଣି। ଏହା ବ୍ୟବସାୟୀଙ୍କ ପରିବାର ପ୍ରତିପୋଷଣରେ ବାଧା ସୃଷ୍ଟି କରୁଛି। ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଗ୍ୟାସ୍ ଥିବା ପ୍ରଚାର କରାଯାଉଥିଲେ ହେଁ, ସ୍ଥାନୀୟ ସ୍ତରରେ ଗ୍ୟାସ୍ ସଙ୍କଟ ଦେଖାଦେବା ପଛରେ କଳାବଜାରୀ ଚାଲିଥିବା ନେଇ ସଂଘ ଆଶଙ୍କା ପ୍ରକଟ କରିଛି। ବଣିକ ସଂଘ ପକ୍ଷରୁ ସଭାପତି ସନ୍ମତ କୁମାର ସୁବୁଦ୍ଧି ଜଣାଇଛନ୍ତି ଯେ, ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ କରା ନଯାଏ, ତେବେ ଆଗାମୀ ଦିନରେ ବେଲଗୁଣ୍ଠାର ସମସ୍ତ ଉପଭୋକ୍ତା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବଣିକ ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ। ଆଜି ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ସୁଶ୍ରୀ ରଚିତା ମହାପାତ୍ରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ସଂଘର ଉପସଭାପତି ପ୍ରଶାନ୍ତ ସରାବ, ସମ୍ପାଦକ ସୁଦାମ ତ୍ରିପାଠୀ, କୋଷାଧ୍ୟକ୍ଷ ଗୁଣ୍ଡିଚା ବେହେରାଙ୍କ ସମେତ ସଂଘର ଅନ୍ୟାନ୍ୟ ବହୁ ସଦସ୍ୟ ଉପସ୍ଥିତ ଥିଲେ।



### ● ପ୍ରହସନ ପାଲଟିଲା ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

## ଆସିଲେନି ନିମନ୍ତ୍ରିତ ଅତିଥି



**ଫିରିଙ୍ଗିଆ,୨୪।୪(ସମିସ):** ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଟେଣ୍ଟ ଲଗାଯିବା ସହ ଏଲଇଡ଼ି ଲଗାଯାଇଥିଲା। କିନ୍ତୁ ବ୍ଲକ ପ୍ରଶାସନର ଅବହେଳା ପାଇଁ ହାତ ଗଣତି କିଛି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ବଡ଼ିଓଙ୍କ ସହ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ କିଛି କର୍ମଚାରୀଙ୍କୁ ଛାଡିଦେଲେ ଆଉ କାହାକୁ ଦେଖିବାକୁ ମିଳିନଥିଲା। ଏହି କାର୍ଯ୍ୟକ୍ରମ ପାଇଁ ବ୍ଲକ ପ୍ରଶାସନ ତରଫରୁ ପଞ୍ଚାୟତ ସମିତି ଅଧକ୍ଷାଙ୍କ ସହ ବ୍ଲକ ଉପାଧକ୍ଷ,ଜିଲ୍ଲା ପରିଷଦ ସଭ୍ୟ, ବ୍ଲକର ସମସ୍ତ ପଞ୍ଚାୟତର ସମିତିସଭ୍ୟ, ସମସ୍ତ ସରପଞ୍ଚ, ସମସ୍ତ ୱାର୍ଡ ସଭ୍ୟଙ୍କୁ ଚିଠି କରାଯାଇଥିବା କୁହାଯାଉଥିବା ବେଳେ ଏହି କାର୍ଯ୍ୟକ୍ରମରେ କୌଣସି ଜନ ପ୍ରତିନିଧିଙ୍କୁ ଦେଖିବାକୁ ମିଳିନଥିଲା। ଯାହାକୁ ନେଇ ବର୍ତ୍ତମାନ ଆଲୋଚନା ପର୍ଯ୍ୟାଲୋଚନା ଜାରି ରହିଥିବାବେଳେ ବ୍ଲକ ପ୍ରଶାସନର କାର୍ଯ୍ୟକଳାପ ଉପରେ ବିରୋଧୀ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଏଭଳି କାର୍ଯ୍ୟକ୍ରମରେ ଜନ ପ୍ରତିନିଧିଙ୍କ ଅନୁପସ୍ଥିତି ବ୍ଲକ ପ୍ରଶାସନର ପାରିବା ପଣିଆ ପଦାରେ ପକାଇଛି। କେବଳ ଏହି କାର୍ଯ୍ୟକ୍ରମ ନୁହଁ ବିଗତ ଦିନ ମାନଙ୍କରେ ମଧ୍ୟ ବ୍ଲକ ପ୍ରଶାସନ ଦ୍ୱାରା ହେଉଥିବା କାର୍ଯ୍ୟକ୍ରମରେ ଜନ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ ବ୍ଲକ ଅଧୀନରେ ଥିବା ପଞ୍ଚାୟତରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କୁ ଅଣଦେଖା କରାଯିବା ନେଇ ବିଡ଼ିଓଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯିବା ସହ ଆଗାମୀ ଦିନରେ ଏଭଳି ଘଟଣା ହେଲେ ଆନ୍ଦୋଳନ କରିବେ ବୋଲି ମଧ୍ୟ ଚେତାବନୀ ଦେଇଥିଲେ। ବିଡ଼ିଓଙ୍କୁ ଏହି ସ୍ମାରକ ପାତ୍ର ପ୍ରଦାନ କରିବାର ପାଞ୍ଚରୁ ସାତ ଦିନ ନପୂରୁଣୁ ପୁଣି ଜନପ୍ରତିନିଧିଙ୍କୁ ଅଣଦେଖା କରାଯିବା ବରଦାସ୍ତ କରାଯିବନାହିଁ ବୋଲି କିଛି ଜନପ୍ରତିନିଧି ମତ ଦେଇଛନ୍ତି। ଜନ ପ୍ରତିନିଧି ନୁହନ୍ତି ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ଅଞ୍ଚଳର କାର୍ଯ୍ୟରତ କୌଣସି ସାମ୍ବାଦିକଙ୍କୁ ମଧ ଡକାଯାଇନଥିବାରୁ କ୍ଷୋଭ ପ୍ରକାଶ ପାଇଛି।

## ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

**ଗଞ୍ଜାମ,୨୪ ।୪(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମାଠାରେ ଲକ୍ଷ୍ମୀ ନୃସିଂହ ମନ୍ଦିର ପ୍ରତିଷ୍ଠା ଦ୍ୱାଦଶ ବର୍ଷ ପୂର୍ତ୍ତ ଏବଂ ଶ୍ରୀଗୋପୀନାଥଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଶତାଧିକ ମହିଳା ପୁରୁଷଙ୍କୁ ନେଇ ଦାମୋଦରପୁର ଗ୍ରାମ ନିକଟସ୍ଥ ପୁଣ୍ୟତୋୟା ଋଷିକୁଲ୍ୟା ନଦୀରୁ ଏକ ବିଶାଳ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର ୨୧ଗୋଟି ଠାକୁରଙ୍କ ମହାମିଳନ ଅବସରରେ ହରିହର ଭେଟ ସଲ୍ଟ ପଡିଆଠାରେ ଅନୁଷ୍ଠିତ ହୋଇଥିଲା। ସୁସଜ୍ଜିତ ଦୋଳ ବୀମାନରେ ଠାକୁରମାନଙ୍କୁ ବିଭିନ୍ନ ଗ୍ରାମରୁ ପାଛୋଟି ନିଆଯାଇ ପଡ଼ିଆରେ ମିଳନ ହେବା ପରେ ଯଜ୍ଞସ୍ଥଳ ନିକଟରେ ଉପବେଶନ କରାଯାଇଥିଲା। ପଣ୍ଡିତ ଅଶୋକ କୁମାର ଶତପଥୀ ଓ ରାମାଚାର୍ଯ୍ୟ ବାବାଜୀ ରାମ ଭଜନ ଦାସଙ୍କ ତତ୍ତ୍ୱାବଧାନରେ ଦଶ ଦିନାତ୍ମକ ଅଠଚାଳିଶି ପ୍ରହର ନାମଯଜ୍ଞ ଅବସରେ ଘୃତଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ, ଗୋ-ଯଜ୍ଞ ପାଶ୍ୱର୍ଦେବତା ପ୍ରତିଷ୍ଠା କାର୍ଯ୍ୟକ୍ରମମାନ ଆଧାକିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ରହିଛି।



## ବେଆଇନ ଦେଶୀ ମଦ ଭାଟିରେ ଚଢ଼ଉ; ୬ ଗିରଫ

**ଆସିକା୨୪ ।୪(ସମିସ):** ଆସିକା ଥାନା ପରିସର ଭୁକ୍ତ ଠେଙ୍ଗାପୋଲି ଓ ଗଣ୍ଡପୋଲି ଗାଁରେ ବେଆଇନ ଦେଶୀ ରନ୍ଧା ପ୍ରସ୍ତୁତ ବେଳେ ପୋଲିସ ଅଚାନକ ଚଢ଼ାଉ କରିଥିଲା। ଏଠାରୁ ତିନି ହଜାର ଲିଟର ପୋଚ ନଷ୍ଟ କରିବା ସହ ଶହେ ଲିଟର ଦେଶୀ ରନ୍ଧା ମଦ ଜବତ କରିଛି। ଏଥିସହ ଛଅଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ। ଗିରଫ ଛଅଜଣ ହେଲେ ଏମ. ନାରାୟଣ, ଡି. ସନ୍ତୋଷ, ଡି. ବାପି, ଏ. ମୁରଲୀ, ପି. ମହେଷୁ ଓ ଠେଙ୍ଗାପୋଲି ଗାଁର ଏ. ନରେଶ ବୋଲି ପୋଲିସ ସୂଚନା ଦେଇଛନ୍ତି। ଏମାନେ ଦୀର୍ଘ ବର୍ଷ ହେଲା ବେଆଇନ ମଦ ପ୍ରସ୍ତୁତି କରି ବିକ୍ରି କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ପୁଲିସ ଖବର ପାଇବା ପରେ ଅଚାନକ ଚଢ଼ାଉ କରିଛି।

### ନୂତନ ୩୩ କେଭି ଫିଡର ସହ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ କଲା ଟିପିଏସ୍‌ଓଡିଏଲ୍

## ଉପକୃତହେବେ ରାୟଗଡ଼ା ଜିଲ୍ଲାର ୮ ହଜାର ଉପଭୋକ୍ତା

**ବ୍ରହ୍ମପୁର,୨୪ ।୪(ସମିସ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏସ୍‌ଓଡିଏଲ) ରାୟଗଡ଼ା ଜିଲ୍ଲାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିଛି। ଏହି କ୍ରମରେ ନୂତନ ୩୩କେଭି ଫିଡର ଲାଇନ ପ୍ରତିଷ୍ଠା ହେବା ସହ କାର୍ଯ୍ୟକ୍ଷମ ହୋଇଛି। ରାୟଗଡ଼ା ରେଲୱେ ଗେଟ୍ (ଶିବ ମନ୍ଦିର ସନ୍ନିକଟ) ଠାରୁ ରାନିଗୁଡ଼ା ପ୍ରାଇମେରୀ ସବଷ୍ଟେସନ (ପିଏସ୍ଏସ୍) ପର୍ଯ୍ୟନ୍ତ ଏହି ନୂତନ ଲାଇନ ସଂଯୁକ୍ତ ହୋଇଛି। କମ୍ପାନୀ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ଦ୍ୱାରା ଅଞ୍ଚଳର ବର୍ଦ୍ଧିତ ବିଦ୍ୟୁତ ଚାହିଦା ପୂରା ହେବା ସହିତ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହେବ। ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଫିଡର ଲାଇନରେ ୬ସର୍କିଟ କିଲୋମିଟର ଓଭରହେଡ୍ ଲାଇନ୍ ରହିବା ସହ ୧୧୦ମିଟର ଭୂତଳ କେବୁଲ ଲାଇନ ଅନ୍ତର୍ଭୁକ୍ତ ରହିଛି। ରାୟଗଡ଼ା ରେଲୱେ ଗେଟରୁ ଏହି ଲାଇନ୍ ଆରମ୍ଭ ହୋଇ ରାନିଗୁଡ଼ା ପିଏସ୍ଏସରେ ଶେଷ ହୋଇଛି। ଯାହା ସବଷ୍ଟେସନକୁ ୩୩କେଭି ସ୍ଥିର ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପ୍ରଦାନ କରୁଛି। ରାନିଗୁଡ଼ା ପିଏସ୍ଏସରୁ ଦୁଇଟି ଆଉଟଗୋଇଙ୍ଗ୍ ୧୧କେଭି ଫିଡର ଯଥାକ୍ରମେ ଚେକାଗୁଡ଼ା ଏବଂ ରାନିଗୁଡ଼ା ମାଧ୍ୟମରେ ବିଦ୍ୟୁତ ଯୋଗାଣ ହୋଇଥାଏ। ଚେକାଗୁଡ଼ା ଫିଡର ଚେକାଗୁଡ଼ା, ବିଦ୍ୟାନଗର ଅଞ୍ଚଳ ସମେତ ଟାଉନ୍ -୩ ଫିଡରକୁ ମଧ୍ୟ ସମର୍ଥନ ଯୋଗାଇଥାଏ। ସେହିଭଳି ରାନିଗୁଡ଼ା ଫିଡର ରାନିଗୁଡ଼ା ଫାର୍ମ, ଗୌତମ ନଗର, ହାତୀପଥର ରୋଡ୍ ସହିତ ଟାଉନ୍ -୪ ଫିଡରକୁ ବିଦ୍ୟୁତ ଯୋଗାଣ କରିଥାଏ। ପୂର୍ବରୁ ଟାଉନ୍ -୩ ଏବଂ ଟାଉନ୍ -୪ଫିଡର ରାୟଗଡ଼ା ଟାଉନ୍ ନମ୍ବର -୨ ସେକ୍ସନର ଅଧିକାଂଶ ଅଞ୍ଚଳକୁ ବିଦ୍ୟୁତ ଯୋଗାଉଥିଲା। ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଏହି ଫିଡର ଦ୍ୱାରା ସ୍ଥିର ଓ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସମସ୍ତ ୪ଟି ଫିଡରରେ ସୁନିଶ୍ଚିତ ହୋଇପାରିଛି। କମ୍ପାନୀ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ଫଳରେ ଜିଲ୍ଲାର ପ୍ରାୟ ୮ ହଜାର ଉପଭୋକ୍ତା ଉପକୃତ ହୋଇଛନ୍ତି। ଏଥିସହିତ ଭୋଲ୍ଟେଜରେ ସ୍ଥିରତା ଆସିବା ସହିତ ଫିଡର ଉପରେ ଥିବା ଲୋଡ୍ ହ୍ରାସ ପାଇଛି। ସେହିଭଳି ଅଞ୍ଚଳର ଘରୋଇ ଉପଭୋକ୍ତା, ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ ଜରୁରୀକାଳୀନ ସେବାକୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇଛି। ଏ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅମିତ କୁମାର ଗର୍ଗ କହିଛନ୍ତି, “ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ କରିବା ଏବଂ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଇବା ପାଇଁ କମ୍ପାନୀ ପ୍ରତିବଦ୍ଧ। ରାୟଗଡ଼ା ଜିଲ୍ଲାର ଏହି ନୂତନ ୩୩କେଭି ଫିଡର ଲାଇନ ଯୋଗାଣରେ ସ୍ଥିରତା, ଲୋଡ୍ ହ୍ରାସ ସହିତ ସେବାରେ ନିର୍ଭରଶୀଳତା ଆଣିବ ଯାହା ଯୋଗୁଁ ହଜାର ହଜାର ଉପଭୋକ୍ତା ଉପକୃତ ହେବେ।



## ରସାୟନ ବିଜ୍ଞାନ ପ୍ରଫେସରଙ୍କ ପରଲୋକ

**ଧରାକୋଟ,୨୪ ।୪(ସମିସ):** ଧରାକୋଟ ବଡ଼ଦାଣ୍ଡ ସାହି ନିବାସୀ ଜଣାଶୁଣା ରସାୟନ ବିଜ୍ଞାନ ପ୍ରଫେସର ଡ ପ୍ରଶାନ୍ତ ପ୍ରସାଦ ମିଶ୍ରଙ୍କ ୮୬ବର୍ଷ ବୟସରେ ପୁରୀ ଭିଆଇପି ରୋଡ ସ୍ଥିତ ପାର୍ବତୀ ଅନନ୍ତ ନିଳୟରେ ବୁଧବାର ପରଲୋକ ହୋଇଯାଇଛି। ସେ ସ୍ୱର୍ଗତ ଅନନ୍ତ ମିଶ୍ର ଓ ପାର୍ବତୀ ମିଶ୍ରଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ। ତାଙ୍କର ଭାଇ ସ୍ୱର୍ଗତ ଶାରଦା ମିଶ୍ର, କାଳୀ ପ୍ରସାଦ ମିଶ୍ର, ଦୁର୍ଗା ପ୍ରସାଦ ମିଶ୍ର ଓ ସ୍ୱର୍ଣ୍ଣଲତା ମିଶ୍ର ପୂର୍ବରୁ ମୃତ୍ୟୁ ବରଣ କରିସାରିଛନ୍ତି। ସେ ଆଜୀବନ ଅବିବାହିତ ଥିଲେ। ୧୯୩୯ ମସିହା ଜୁଲାଇ ଏକ ତାରିଖ ଦିନ ଧରାକୋଟରେ ଜନ୍ମ ଗ୍ରହଣ କରିଥିଲେ। ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ରହ୍ମପୁର ଖଲିକୋଟ କଲେଜରେ ଏବଂ ପରେ ଏସସିଏସ କଲେଜ ପୁରୀରେ ରସାୟନ ବିଜ୍ଞାନ ପ୍ରଫେସର ଭାବରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ତାଙ୍କର ଭାତୃପୁତ୍ର ଅଧ୍ୟାପକ ଡ ଦିଲିପ ମିଶ୍ର, ପୁତ୍ରବଧୂ ଅନିତା ମିଶ୍ର, ସୁରେଶ ମିଶ୍ର, ସଙ୍ଗୀତା ମିଶ୍ର ଓ ନାତି ନାତୁଣୀ ପ୍ରୀତମ, ଶ୍ରୀତମ, ରୈନା ପ୍ରମୁଖ ଉପସ୍ଥିତ ରହିଥିଲେ।



## ୨୮ରେ କୁଇ ସମାଜ ସମାବେଶ



**ଜି.ଉଦୟଗିରି,୨୪।୪(ସମିସ):** ଆସନ୍ତା ଏପ୍ରିଲ ୨୮ ତାରିଖରେ କୁଇ ସମାଜର ବିଶାଳ ସମାବେଶ ହେବ। ଏହି କାର୍ଯ୍ୟକ୍ରମ ପାଇଁ କୁଇ ସମାଜର ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ମହାସଙ୍ଘ କନ୍ଧମାଳ ଜିଲ୍ଲା ସଭାପତି ମନୋଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମାଜର ରାଜ୍ୟ ସ୍ତରୀୟ ନେତା ବିବେକାନନ୍ଦ ପ୍ରଧାନ ତଥା କନ୍ଧମାଳ କୁଇ ସମାଜର ପ୍ରମୁଖ ନେତା ଶାନ୍ତନୁ କୁମାର ପ୍ରଧାନ, ମାଜିରା ପ୍ରଧାନ, ବାଟକୃଷ୍ଣ ପ୍ରଧାନ, ଉଦେଶନ ପ୍ରଧାନ, ଜ୍ଞାନଚନ୍ଦ୍ର ପ୍ରଧାନ, ମୋହନ ପ୍ରଧାନ, କାମଦେବ ପ୍ରଧାନ, ସୁଶାନ୍ତ ପ୍ରଧାନ ଓ ଉଦ୍ଧବ ପ୍ରଧାନ ଉପସ୍ଥିତ ଥିଲେ। ଉଦ୍ଦେଶ୍ୟ, ବ୍ୟବସ୍ଥାପନା ଓ ବିଭିନ୍ନ ଅଞ୍ଚଳରୁ ଅଂଶଗ୍ରହଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ରାଲିକୁ ସଫଳ କରିବା ପାଇଁ ପରିବହନ, ଶୃଙ୍ଖଳା ଓ ପ୍ରଚାର ପାଇଁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଜାତୀୟ ପଞ୍ଚାୟତିରାଜ ଦିବସ









ରାଇକିଆ,୨୪।୪(ସମିସ)

ରାଇକିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ବ୍ଲକ୍ ଅଧକ୍ଷା ରୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ଦିବସ ପାଳନର ତାତ୍ପର୍ଯ୍ୟ, ପଞ୍ଚାୟତିରାଜ ବ୍ୟବସ୍ଥା ତୃଣମୂଳ ସ୍ତରରେ ବିକାଶର ଧାରା କୁ ମଜବୁତ୍ କରିଛି ଏବଂ ।ଗ୍ରାମାଞ୍ଚଳରେ ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ପାରୁଛି ସେ ନେଇ ବକ୍ତବ୍ୟ ରଖିଥିଲେ। ପଞ୍ଚାୟତିରାଜ ।ବ୍ୟବସ୍ଥା କିପରି ମହିଳାଙ୍କୁ ନୀତି ନିର୍ଦ୍ଧାରଣ କରିବାରେ ସୁଯୋଗ ସୃଷ୍ଟି କରିପାରିଛି ।ସେ ନେଇ ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ କହିଥିଲେ। ।ଏହି ଅବସରରେ ବଲାଙ୍ଗୀରୁ ରାଜ୍ୟସ୍ତରୀୟ ପଂଚାୟତିରାଜ ଦିବସର ସିଧା ପ୍ରସାରଣ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ରେ ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଲେଙ୍କା, ବିଜେପି ।ଜିଲ୍ଲା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ସାହୁ, ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ସରପଞ୍ଚ, ସମିତିସଭ୍ୟ, ସଭ୍ୟା ଯୋଗ ଦେଇଥିଲେ। ।ଏବିଡିଓ ଦିବ୍ୟସିଂହ କହଁର, ଜିପିଡିଓ ମହେଶ ପଟ୍ଟନାୟକଙ୍କ ସମେତ ବ୍ଲକ୍ କର୍ମଚାରୀ ଉପସ୍ଥିତ ।ଥିଲେ। କାର୍ଯ୍ୟକ୍ରମ ରେ ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଥିଲେ।।

**ଟିକାବାଲି:** ଟିକାବାଲି ବ୍ଲକ ପ୍ରାଙ୍ଗଣରେ ଶୁକ୍ରବାର ଦିନ ଜାତୀୟ ପଞ୍ଚାୟତରାଜ ଦିବସ ।ପାଳିତ ହୋଇଯାଇଛି। କିନ୍ତୁ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆନଯିବା ଏବଂ ସେମାନଙ୍କୁ ଅଣଦେଖା କରାଯିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବ୍ଲକ ଅଧକ୍ଷ ।ଦିଲୀପ କହଁରଙ୍କ ନେତୃତ୍ୱରେ ଆୟୋଜିତ ।କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ।ବିଷ୍ଣୁ ଗୋବିନ୍ଦ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ।ସୁନୀଲ କୁମାର ମଲିକ ଏବଂ ବ୍ଲକ ପଞ୍ଚାୟତ ଅଧିକାରୀ ।ମଞ୍ଚାସୀନ ଥିଲେ। ଏଥିରେ ବ୍ଲକ ଅନ୍ତର୍ଗତ ୧୧ ପଞ୍ଚାୟତର ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ସିଆରପି, ଏମବିକେ ଏବଂ ମିଶନ ଶକ୍ତିର ମହିଳା ସଦସ୍ୟା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣକୁ ଟେଲିକାଷ୍ଟ ମାଧ୍ୟମରେ ସିଧାପ୍ରସାରଣ କରାଯାଇ ଉପସ୍ଥିତ ସମସ୍ତଙ୍କୁ ଶୁଣାଯାଇଥିଲା। ଟିକାବାଲିରେ ଏକ ସରକାରୀ ପଞ୍ଜିକୃତ ପ୍ରେସ ଆସୋସିଏସନ ସକ୍ରିୟ ଥିବା ସତ୍ତ୍ୱେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପ୍ରତିନିଧିଙ୍କୁ ସୂଚନା ପ୍ରଦାନ କରାଯାଇ ନଥିଲା। ପ୍ରଶାସନର ଏଭଳି ମନୋଭାବକୁ ନେଇ ସ୍ଥାନୀୟ ସାମ୍ବାଦିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକରେ ହେଉଥିବା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ବାରମ୍ବାର ଗଣମାଧ୍ୟମକୁ ଅଣଦେଖା କରାଯାଉଥିବା ନେଇ ଅଭିଯୋଗ ହୋଇଛି ।ୟ ଟିକାବାଲି ପ୍ରେସ ଆସୋସିଏସନ ସଭାପତି ଗଣେଶ ନାୟକ ଏବଂ ସମ୍ପାଦକ ସନ୍ତୋଷ ଦଳବେହେରା ବ୍ଲକ ପ୍ରଶାସନର ଏଭଳି କାର୍ଯ୍ୟକଳାପକୁ ନିନ୍ଦା କରିଛନ୍ତି।।

**କାଶୀନଗର:** ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳନ କରାଯାଇଥିଲା। ଗ୍ରାମୀଣ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ପଞ୍ଚାୟତୀରାଜ ବ୍ୟବସ୍ଥାର ଗୁରତ୍ୱ ସମ୍ପର୍କରେ ସଚେତନତା ଗଢ଼ିଉଠାଇବା ଏବଂ ଜନସାମାନ୍ୟଙ୍କ ଭାଗିଦାରି ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ଉତ୍ସବର ଆୟୋଜନ ହୋଇଥିଲା। ।ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରାଯାଇଥିଲା ଏବଂ ସେହି କାର୍ଯ୍ୟକ୍ରମକୁ କାଶୀନଗର ବ୍ଲକ କାର୍ଯ୍ୟାଳୟରେ ସିଧା ପ୍ରସାରଣ କରାଯାଇଥିଲା। ଏହି ଅବସରରେ କାଶୀନଗର ବ୍ଲକ ଅଧକ୍ଷା ବି.ସାୟାମ୍ମା, ବିଡିଓ ଡମ୍ବୁରଧର ମଲ୍ଲିକ, ଏମଇ ରଜତ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାୟତୀରାଜ ବ୍ୟବସ୍ଥା ଗ୍ରାମ ଉନ୍ନତିର ମୂଳ ଆଧାର ବୋଲି କହିଥିଲେ। ।କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ ସହ ବହୁ ସଂଖ୍ୟକ ଜନପ୍ରତିନିଧି ଯୋଗଦେଇଥିଲେ। ସେଥିସହିତ ମହିଳା ସହାୟକ ଗୋଷ୍ଠୀର ମା, ମିଶନ ଶକ୍ତି କର୍ମଚାରୀ, ଅଙ୍ଗନବାଡି କର୍ମଚାରୀ ଏବଂ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ।କାର୍ଯ୍ୟକ୍ରମରେ ।ବ୍ଲକ ଜିପିଇଓ ଲକ୍ଷ୍ମୀଧର ସାହୁ ଓ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ଦାରିଙ୍ଗବାଡ଼ି:** ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। ବିଡିଓ ପ୍ରୀତିରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ସମ୍ମାନୀତ ଅତିଥି ଭାବେ କନ୍ଧମାଳ ଏମପିଙ୍କ ଦାରିଙ୍ଗବାଡ଼ି ବ୍ଲକ ପ୍ରତିନିଧି ରୁଦ୍ର ମାଧବ ସାହୁ, ଜି.ଉଦୟଗିରି ବିଧାୟକଙ୍କ ଦାରିଙ୍ଗବାଡି ବ୍ଲକ ପ୍ରତିନିଧି ପ୍ରମୋଦ କୁମାର ଦିଗାଲ, ଜିଲ୍ଲା ପରିଷଦ ସଦସ୍ୟା ଦୀପିକା ମୁଠାମାଝି, ସରପଞ୍ଚ ଚନ୍ଦ୍ରିକା ମଲ୍ଲିକ, ଆଦ୍ରିୟ ପ୍ରଧାନ, ନରତ୍ତମ ପ୍ରଧାନ, ସମିତି ସଭ୍ୟା ରେଣୁକା ପ୍ରଧାନ ଓ ସମିତି ସଭ୍ୟ ଦିଲୀପ ପ୍ରଧାନ ଯୋଗ ଦେଇଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ୧୬୪ ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ସହିତ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରାଯାଇଥିଲା।

**ଜି.ଉଦୟଗିରି:** ଜି.ଉଦୟଗିରି ପଞ୍ଚାୟତ ସମିତି ପରିସରରେ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇ ଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ସୁଷମା ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ମିଶନ ଶକ୍ତି ସଭାନେତ୍ରୀ କୁମୁଦିନୀ ଦିଗାଲ, ଜିଲ୍ଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ମାଲିକାପଡ଼ି ସରପଞ୍ଚ ଝରଣା ପ୍ରଧାନ, ଲିଙ୍ଗାଗଡ ସରପଞ୍ଚ ଅବଲୋକରା ପ୍ରଧାନ, ରଟିଙ୍ଗିଆ ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, କଟିଙ୍ଗିଆ ସରପଞ୍ଚ ବିଭୂତି ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟନାରାୟଣ ମିଶ୍ର ଓ ସହକାରୀ ନିର୍ବାହୀ ଅଧିକାରୀ ଅସିତ୍ କୁମାର ସେଠୀ ଯୋଗ ଦେଇ ପଞ୍ଚାୟତ ଶାସନ ବ୍ୟବସ୍ଥାର ସଶକ୍ତିକରଣ ଉଦ୍ଦେଶ୍ୟରେ ଉଦବୋଧନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ତରଫରୁ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି, କାର୍ଯ୍ୟାଦେଶ, ନୂତନ ଭତ୍ତା, ଖାଉଟି କାର୍ଡ ଆଦି ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁଧୀର କୁମାର ସାହୁ ସଂପୂର୍ଣ୍ଣ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ।

## ସୀମାନ୍ତ ପଥର ଖାଦାନରେ ଶ୍ରମିକ ମୃତ

ଗୋଷାଣି,୨୪।୪(ସମିସ): ଗୋଷାଣି ବ୍ଲକ ଜଙ୍ଗଲପାଡୁ ଗ୍ରାମକୁ ଲାଗି ଥିବା ଆନ୍ଧ୍ର ସୀମାନ୍ତ ଏକ ପଥର ଖାଦାନରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଗତକାଲି ବିଳମ୍ବିତ ରାତିରେ ପଥରଖାଦାନରେ କାର୍ଯ୍ୟ କରୁଥିବା ରାଜସ୍ଥାନ ନାଗୁର ଜିଲ୍ଲା ଚିତ୍ରତଲାବ ଗ୍ରାମର ଧର୍ମାରାମ ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏକ ମେସିନର ବେଲ୍ଟରେ ଫସିଯିବାରୁ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଏନେଇ ଆନ୍ଧ୍ର ମିଳିଆପୁଟି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏହି ପଥରଖାଦାନରେ ଗତବର୍ଷ ଅକ୍ଟୋବର ୭ ତାରିଖରେ ବଜ୍ରପାତରେ ତିନି ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ପଥରଖାଦନ ଗୋଷାଣି ବ୍ଲକ ଜଙ୍ଗଲପାଡୁ ଗ୍ରାମକୁ ଲାଗି ରହିଥିବାରୁ ସମୟସମୟେ ପଥର ଫଟାଇବା ପାଇଁ ବିସ୍ଫୋରଣ କରାଯାଉଛି। ଯଦ୍ବାରା ଏହି ଅଞ୍ଚଳରେ ଥିବା ଜଙ୍ଗଲପାଡୁ, ଇଂଲିଶପେଣ୍ଠ, ଶରଧାପୁର, ବଡନୀଳାପୁର ଆଦି ଗ୍ରାମାଞ୍ଚଳରେ ଶବ୍ଦ ପ୍ରଦୂଷଣ ବୃଦ୍ଧିପାଇବା ସହ ଅଞ୍ଚଳର ଘରଦ୍ୱାର ଫାଟିଯାଉଥିବାର ଦୃଷ୍ଟାନ୍ତ ରହିଛି। ପଥରଖାଦାନରେ କ୍ରମାଗତ ଭାବେ ଦୁର୍ଘଟଣା ଘଟୁଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଦାରିଙ୍ଗବାଡ଼ି,୨୪।୪(ସମିସ): ଦାରିଙ୍ଗବାଡ଼ି ତିନିଛକ ନିକଟରେ ସ୍କୁଟି ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତରବେଳେ ସୋରଡ଼ା ନିକଟରେ ଅବସ୍ଥା ସଂକଟାପନ୍ନ ହେବାରୁ ଦାରିଙ୍ଗବାଡ଼ି ଫେରାଇ ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟଇଛି। ମୃତକ ହେଲେ ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡ଼ି ପଞ୍ଚାୟତ ତଗାପାଙ୍ଗା ଗ୍ରାମର ବିକ୍ରମ ପ୍ରଧାନ(୩୪)। ବିକ୍ରମ ଦାରିଙ୍ଗବାଡ଼ି ସ୍ଥିତ ଏକ ହୋଟେଲରେ କାମ କରୁଥିଲେ। କୌଣସି କାମରେ ସ୍କୁଟିରେ ଚାରିଛକ ଯାଇ ଫେରିବାବେଳେ ଏକ ବାଇକ୍ ଧକ୍କା ଦେଇଥିଲା। ଏ ନେଇ ଦାରିଙ୍ଗବାଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହର ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିବା ଏଏସଆଇ ଅର୍ଜୁନ ଶବର ସୂଚନା ଦେଇଛନ୍ତି।

## ପୁଲିସ ଚଢ଼ଉ ଭୟରେ ଗଞ୍ଜେଇ ପୋଡ଼ିଦେଲେ ମାଫିଆ



ପାରଳାଖେମୁଣ୍ଡି,୨୪।୪(ସମିସ): ଆର୍.ଉଦୟଗିରି ଏସଡିପିଓ ରାକେଶ ସାହୁଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନା ଅଞ୍ଚଳରେ ପୁଲିସ ଗଞ୍ଜେଇ ଚଢ଼ଉ ଜାରି ରଖିଛି। ଏକ ଘଟଣା କ୍ରମରେ ଆର୍.ଉଦୟଗିରି ପୁଲିସ ଟିମ୍ କିରାମା ପଞ୍ଚାୟତ ପଟାଙ୍ଗିପଦର ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିଲେ। ପୁଲିସ ଟିମ୍‌କୁ ଦୂରରୁ ଦେଖି ଭୟରେ ଚାଲାଣକାରୀ ତଥା ମାଫିଆ ବିଭିନ୍ନ ଉପାୟରେ ରଖାଯାଇଥିବା ଗଞ୍ଜେଇକୁ ପୋଡ଼ିଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଗଞ୍ଜେଇ ପୋଡ଼ା ଗନ୍ଧ ବାରି ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ଘଟଣାସ୍ଥଳରେ କେହି ନଥିବା ବେଳେ ଗଞ୍ଜେଇ ପୋଡ଼ି ଦିଆଯାଇଥିବା ଦେଖିଥିଲା। ଚୋରା ଚାଲାଣକାରୀ ଚଢଉ ଭୟରେ ଗଞ୍ଜେଇ ନଷ୍ଟ, ପୋଡ଼ିଦେବା ଏବଂ ଫିଙ୍ଗି ଦେଇଥିବା ଦେଖିବାକୁ ପାଇଥିଲା ପୁଲିସ ଟିମ୍। ପରିତ୍ୟକ୍ତ ଅବସ୍ଥାରେ ଥିବା କୂଅକୁ ମଧ୍ୟ ଛାଡି ନଥିଲେ। କୂଅ ଭିତରେ ଗଞ୍ଜେଇ ରଖାଯାଇଥିବାର ପ୍ରମାଣ ପାଇ ଚଢଉକାରୀ ଦଳ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲା। ଘଟଣାର ତଦନ୍ତ ଚାଲିଛି। ଏସମ୍ପର୍କରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆର.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କହିଛନ୍ତି।

## କଲେଜ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଟିକାବାଲି,୨୪।୪(ସମିସ):ଟିକାବାଲି ସ୍ଥିତ ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ପିଜି ଦ୍ୱିତୀୟ ବର୍ଷ କଳା ଓ ବିଜ୍ଞାନ ବିଭାଗ ପକ୍ଷରୁ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କୁ ଏକ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ଗହଣରେ ଆୟୋଜିତ ଏହି ସଭାର ଶୀର୍ଷକ "ସ୍ମୃତିର ଆଇନାରେ ଆମ ଅଧ୍ୟକ୍ଷ ମହାନ୍ତି ସାର୍' ରଖାଯାଇଥିଲା। ସଭାରେ ଅଧ୍ୟାପକ ବନମାଳୀ ବେହେରା, ବିରୁପାକ୍ଷ ତ୍ରିପାଠୀ, କବି ମନୋଜ ଭୋଇ, ଅମୂଲ୍ୟ ସାବତ, ସନ୍ତୋଷ କୁମାର ରଥ, ଶଙ୍କର ପାଢ଼ୀ, ରତନ ଦିଗାଲ, ଆକାଶ ଶତପଥୀ, ତୁଷାର ପଣ୍ଡା, ମନୋଜ ମହାରଣା ଓ ରାହୁଲ ଦିଗାଲ ଉପସ୍ଥିତ ଥିଲେ। ସେହିପରି ଅଧ୍ୟାପିକା ସଂଘମିତ୍ରା ଦାଶ, ଶିବାନୀ କହଁର, ମୀରାମ୍ବିକା, ସ୍ମିତାରାଣୀ ସାହୁ, ସନ୍ଧ୍ୟାରାଣୀ କହଁର ଏବଂ ଶ୍ରାବଣୀ ପ୍ରଧାନ ମଞ୍ଚାସୀନ ହୋଇ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳକୁ ପ୍ରଶଂସା କରିଥିଲେ। ବିଦାୟୀ ଅଧ୍ୟକ୍ଷଙ୍କ ସହ ବିତାଇଥିବା ଦୁଇ ବର୍ଷର ସ୍ମୃତିକୁ ମନେ ପକାଇ ଛାତ୍ରଛାତ୍ରୀମାନେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଛାତ୍ର ବଳରାମ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ରୀ ଆଦ୍ୟାଶା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟକ୍ଷଙ୍କୁ ମାନପତ୍ର ଓ ଉପହାର ପ୍ରଦାନ ପୂର୍ବକ ତାଙ୍କର ସୁସ୍ଥ ଓ ନିରାମୟ ଭବିଷ୍ୟତ କାମନା କରାଯାଇଥିଲା।

### ରାୟଗଡ଼ ତହସିଲ କାର୍ଯ୍ୟାଳୟରେ ମେରୀରାୟ ଶାସନ

# ବୃଦ୍ଧଙ୍କୁ ମିଳିଲାନି ପ୍ରମାଣପତ୍ର; ୱାର୍ଡସଭ୍ୟଙ୍କୁ କର୍ମଚାରୀଙ୍କ ଧମକ

ରାୟଗଡ଼,୨୪।୪(ସମିସ)

ସରକାରୀ ସେବା ପାଇଁ ସାଧାରଣ ଲୋକ କାର୍ଯ୍ୟାଳୟକୁ ଆସିବା ପରିବର୍ତ୍ତେ ଏବେ ସତେ ଯେମିତି ଶୋଷଣର ଶିକାର ହେଉଛନ୍ତି। ଗଜପତି ଜିଲ୍ଲା ରାୟଗଡ଼ ତହସିଲ କାର୍ଯ୍ୟାଳୟରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପ୍ରକାଶ ଯେ, ସାନତୁଣ୍ଡି ପଞ୍ଚାୟତର ୮୦ ବର୍ଷୀୟ ବୃଦ୍ଧ ସୀମାଦ୍ରି ଦଳାଇ ନିଜର ଲିଗାଲ୍ ହେୟାର ସାର୍ଟିଫିକେଟ୍ ପାଇଁ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ହନ୍ତସନ୍ତ ହୋଇଥିଲେ। ବାଧ୍ୟ ହୋଇ ସେ ସାନତୁଣ୍ଡି ପଞ୍ଚାୟତର ୮ ନମ୍ବର ୱାର୍ଡ ସଭ୍ୟ ବସନ୍ତ ନାୟକଙ୍କ ସହଯୋଗ ଲୋଡ଼ିଥିଲେ। ବୃଦ୍ଧଙ୍କ ଦୁଃଖଦେଖି ୱାର୍ଡସଭ୍ୟ ତହସିଲ କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ ବିଳମ୍ବ ସମ୍ପର୍କରେ ପଚାରିଥିଲେ। ଜନପ୍ରତିନିଧିଙ୍କୁ ସମ୍ମାନ ଦେବା ବଦଳରେ କାର୍ଯ୍ୟାଳୟରେ ଥିବା କର୍ମଚାରୀ ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଆହୁରି ୧୦ ଦିନ ଲାଗିବ, ଯାହା କରିବାର ଅଛି କର ବୋଲି କହି ଅଧିକାରୀ ଜଣକ କଡ଼ା କଥା କହିଥିଲେ। ଶୁକ୍ରବାର ସାର୍ଟିଫିକେଟ୍ ପ୍ରଦାନ ପାଇଁ ଶେଷ ସମୟସୀମା ଥିଲେ ହେଁ ଦିଆଯାଇନଥିଲା। ଏହି ସମ୍ବେଦନଶୀଳ ବିଷୟରେ ସତ୍ୟତା ଜାଣିବାକୁ ରାୟଗଡ଼ ତହସିଲଦାର ସୁକାନ୍ତ ପ୍ରଧାନଙ୍କୁ ତାଙ୍କ ମୋବାଇଲ୍ ନମ୍ବରରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ, ସେ ଫୋନ୍ ଉଠାଇ ନଥିଲେ। ପ୍ରଶାସନିକ ମୁଖ୍ୟଙ୍କ ଏଭଳି ନିରବତା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେବଳ ଏହି ବୃଦ୍ଧ ନୁହଁନ୍ତି, ଏଠାରେ ସାର୍ଟିଫିକେଟ୍ ପାଇଁ ଆବେଦନ କରିଥିବା ଅନେକ ଲୋକ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାପାଳ ଏଥିରେ ତୁରନ୍ତ ହସ୍ତକ୍ଷେପ କରି, ହିତାଧିକାରୀଙ୍କୁ ପ୍ରାପ୍ୟ ସେବା ଯୋଗାଇ ଦେବା ସହ ଦୁର୍ବ୍ୟବହାର କରିଥିବା କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

**୮୦ ବର୍ଷୀୟ ବୃଦ୍ଧ ପ୍ରମାଣପତ୍ର ପାଇଁ ନୟାନ୍ତ**

**ତହସିଲଦାରଙ୍କ ନୀରବତା ନେଇ ପ୍ରଶ୍ନବାଚୀ**




## ପତ୍ନୀହନ୍ତା ସ୍ୱାମୀକୁ ୭ ବର୍ଷ ସଶ୍ରମ କାରାଦଣ୍ଡ

**୩ ଝିଅଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ**

ପାରଳାଖେମୁଣ୍ଡି,୨୪।୪(ସମିସ): ସାମାନ୍ୟ ବଚସାକୁ କେନ୍ଦ୍ର କରି ଦା'ରେ ବେକ କାଟି ପତ୍ନୀଙ୍କୁ ହତ୍ୟା ଭଳି ସମ୍ବେଦନଶୀଳ ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନ ଜଜ୍ ବିଭୂ ପ୍ରସାଦ ପଣ୍ଡା ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୦୪ରେ ଗାରାବନ୍ଧ ଥାନା ଅଡାଗାଁର ଅଭିଯୁକ୍ତ ଗଙ୍ଗା ବଡ଼ମୁଣ୍ଡି (୫୦ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ନ୍ୟାୟାଧୀଶ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସରୋଜ କୁମାର ରଥ ଏହି ମାମଲାର ପରିଚାଳନା କରିଥିବା ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୧ ଡିସେମ୍ବର ୨୯ରେ ସ୍ତ୍ରୀ ସଜନୀ ବଡ଼ମୁଣ୍ଡି ଓ ସ୍ୱାମୀ ଗଙ୍ଗା ବଡ଼ମୁଣ୍ଡି ବିଲରୁ କାମ ସାରି ଘରକୁ ଫେରିଥିଲେ। ରାତି ୯ଟାରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଗଙ୍ଗା ସ୍ତ୍ରୀ ସଜନୀଙ୍କ ବେକକୁ ଦା'ରେ କାଟି ଦେଇଥିଲେ। ଘଟଣାସ୍ଥଳରେ ସଜନୀଙ୍କ ମୃତ୍ୟୁ ହୋଇଥିଲା। ସଜନୀଙ୍କ ଭାଇ ମଙ୍ଗଳ ମାଝି ଅଭିଯୁକ୍ତଙ୍କ ନାଁରେ ଗାରାବନ୍ଧ ଥାନାରେ ଏତଲା ଦେଇଥିଲେ। ତତ୍କାଳୀନ ଥାନାଧିକାରୀ ସର୍ବେଶ୍ୱର ସାମନ୍ତରାୟ ତଦନ୍ତ କରି ଅଭିଯୁକ୍ତ ସ୍ୱାମୀ ଗଙ୍ଗାକୁ କୋର୍ଟ ଚାଲାଣ କରିଥିଲା। ଆଜି ୧୫ଜଣ ସାକ୍ଷୀ ପ୍ରମାଣ ତଥା ଦସ୍ତାବିଜକୁ ଆଧାର କରି ଜଜ୍ ଅଭିଯୁକ୍ତଙ୍କୁ ୭ବର୍ଷର ସଜା ଶୁଣାଇବା ସହ ଏହି ମାମଲାରେ ଥିବା ପ୍ରତ୍ୟକ୍ଷଦର୍ଶୀ ମୃତକଙ୍କ ତିନି ଝିଅଙ୍କ ଭବିଷ୍ୟତକୁ ନଜରରେ ରଖି ସେମାନଙ୍କୁ ୩ଲକ୍ଷ ଟଙ୍କା (ଜଣ ପିଛା ୧ଲକ୍ଷ ଟଙ୍କା) ଦେବା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ମୃତକଙ୍କର ଜଣେ ଦିବ୍ୟାଙ୍ଗ ବାକ୍ ଓ ଶ୍ରବଣ ବାଧିତ ଝିଅର ଦେଖାରେଖା କରିବା ନିମନ୍ତେ ଆଉ କେହି ନଥିବା, ଏହି ଅଭାବନୀୟ କାଣ୍ଡ ଅତର୍କିତ ଭାବେ ହୋଇଥିବାରୁ ଓ ଅଭିଯୁକ୍ତଙ୍କର ପୂର୍ବରୁ ଅନ୍ୟ କୌଣସି ମାମଲାରେ ସମ୍ପୃକ୍ତି ନଥିବା କଥାକୁ ବିଚାରକୁ ନେଇ ବିଚାରପତି ଏ ଭଳି ସଜା ଶୁଣାଇଛନ୍ତି।

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର; ୨ ଶିଶୁ ଆହତ

ଗୋଷାଣି,୨୪।୪(ସମିସ): ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମ ପୁଲିସ ଷ୍ଟେସନ ନିକଟରେ ଏକ ସଡକ ଦୁର୍ଘଟଣାରେ ଯୁବକ ଜଣକ ଗୁରୁତର ହୋଇପଡିଥିବା ବେଳେ ୨ ଶିଶୁ ଆହତ ହୋଇଛନ୍ତି। ଗୁରୁତର ଯୁବକ ଜଣକ ମହାଦେବପୁର ଗ୍ରାମର ଭୌରବ ପାତ୍ର (୩୧)। ଭୌରବ ଆଜି ସନ୍ଧ୍ୟାରେ ନିଜର ଦୁଇ ଭଣଜା ପ୍ରିୟାଂଶୁ ସାମଲ (୧୪) ଓ ଧନେଶ୍ୱର ସାମଲ (୧୨)ଙ୍କୁ ବାଇକରେ ନିଜ ଗ୍ରାମରୁ ଗୁରାଣ୍ଡି ଗ୍ରାମକୁ ସାନ୍ଧ୍ୟଭ୍ରମଣ ପାଇଁ ନେଇଥିଲେ। ଗୁରାଣ୍ଡିରୁ ମହାଦେବପୁର ଗ୍ରାମକୁ ଫେରୁଥିବା ବେଳେ ଥାନା ଠାରୁ ପ୍ରାୟ ଏକ କିମି ଦୂରତାରେ କୌଣସି କାରଣରୁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣାର କାରଣ ଜଣାପଡିନଥିବା ବେଳେ ରାସ୍ତା ଉପରେ ଭୌରବ ଛଟପଟ ହେଉଥିବାର ଦେଖି ପଥଚାରୀ ତୁରନ୍ତ ପୁଲିସକୁ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଆମ୍ବୁଲାନ୍ସ ତୁରନ୍ତ ନ ଆସିବାରୁ ଏଭଳି ସ୍ଥଳେ ଗୁରାଣ୍ଡି ପୁଲିସ ଥାନା ଗାଡିରେ ଆହତଙ୍କୁ ଗୁରାଣ୍ଡି ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆହତଙ୍କୁ ପ୍ରାଥମିକ ଚିକିତ୍ସା କରାଯାଉଥିଲା। ଭୌରବଙ୍କ ଅବସ୍ଥା ଗୁରୁତର ଥିବା ଯୋଗୁଁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା।

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପାଣିର ଗାର**

## କେନ୍ଦୁପତ୍ର ତୋଳାଳିଙ୍କୁ ମିଳୁନି ବର୍ଦ୍ଧିତ ପାରିଶ୍ରମିକ

ବାଲିଗୁଡା,୨୪।୪(ସମିସ): ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ବାଲିଗୁଡ଼ା କେନ୍ଦୁପତ୍ର ମଣ୍ଡଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ କେନ୍ଦୁପତ୍ର ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଓଡ଼ିଶା ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ଅଧିନରେ ଥିବା କେନ୍ଦୁପତ୍ର ତୋଳାଳୀ ଗ୍ରୀଷ୍ମ ଋତୁରେ କେନ୍ଦୁପତ୍ର ସଂଗ୍ରହ କରି କେନ୍ଦୁପତ୍ର ମଣ୍ଡଳର ବିଭିନ୍ନ ରେଞ୍ଜର ଫରେଷ୍ଟ ସେକ୍ସନ ଅଧୀନରେ ରହିଥିବା ଫଡିଘରେ ଜମା କରିଥାନ୍ତି। ପରେ ଫଡ଼ିଘର ଦାୟିତ୍ୱରେ ଥିବା ମୁନସୀଙ୍କ ଦ୍ୱାରା ସେମାନେ ସଂଗ୍ରହ କରିଥିବା କେନ୍ଦୁପତ୍ରର ମୂଲ୍ୟ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥାଏ। କିନ୍ତୁ ବିଭିନ୍ନ ସମୟରେ ବିଭାଗୀୟ ରେଞ୍ଜ ଅଧିକାରୀ ଏବଂ ବନପାଳଙ୍କ ଦ୍ୱାରା କେନ୍ଦୁପତ୍ର ତୋଳାଳୀ ଶୋଷଣର ଶୀକାର ହେଉଥିବା ବେଳେ ସରକାରଙ୍କ ପକ୍ଷରୁ କେନ୍ଦୁପତ୍ର ତୋଳିବା ବାବଦକୁ ଦରବୃଦ୍ଧି କରାନଯିବା ସଙ୍ଘର କର୍ମଚାରୀ ଏବଂ ତୋଳାଳୀଙ୍କୁ ନିରାଶ କରିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ କେନ୍ଦୁପତ୍ର ତୋଳାଳୀ ମୁଣ୍ଡ ଝାଳ ତୁଣ୍ଡରେ ମାରି କେନ୍ଦୁପତ୍ର ସଂଗ୍ରହ କରିଥାଆନ୍ତି ନିଜ ପରିବାରର ବାର୍ଷିକ ଗୁଜୁରାଣ ମେଣ୍ଟାଇବାକୁ। କିନ୍ତୁ ବର୍ତ୍ତମାନ ସମୟରେ ପରିବାର ପାଇଁ ଆବଶ୍ୟକ ଦ୍ରବ୍ୟର ଅହେତୁକ ଦରବୃଦ୍ଧି ଏବଂ ଅନ୍ୟାନ୍ୟ କାରଣରୁ କେନ୍ଦୁପତ୍ର ତୋଳିବା ବାବଦକୁ ମିଳୁଥିବା ପାରିଶ୍ରମିକ ଅର୍ଥରେ ବର୍ଷସାରା ପରିବାର ପ୍ରତିପୋଷଣ ସମ୍ଭବ ହେଉନାହିଁ। ଏଥିଯୋଗୁଁ କେନ୍ଦୁପତ୍ର ତୋଳାଳୀ ଓ କର୍ମଚାରୀ ଏହି କାର୍ଯ୍ୟ ପ୍ରତି ବିମୁଖ ହେଉଥିବା ଲକ୍ଷ୍ୟ କରାଯାଇଛି। ପୂର୍ବବର୍ଷ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁପତ୍ର ତୋଳାଳୀଙ୍କୁ କେନ୍ଦୁପତ୍ର କେରି ପ୍ରତି ୨ ଟଙ୍କା ଦରବୃଦ୍ଧି ଘୋଷଣା କରିଥିଲେ ହେଁ, ପୂର୍ବ ବର୍ଷରେ ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ ଏବଂ ଏବର୍ଷ କେନ୍ଦୁପତ୍ର ସଂଗ୍ରହ ଅଭିଯାନ ଆରମ୍ଭ ହୋଇ ସାରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାନଯିବା ସଙ୍ଘର ତୋଳାଳୀଙ୍କୁ ନିରାଶ କରିଛି। ଦରବୃଦ୍ଧି ନହେବା ସତ୍ତ୍ୱେ ଭାଗ୍ୟକୁ ଆଦରି କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି ତୋଳାଳୀ।



## ୨ ଯୁବକଙ୍କ ଉତ୍ପାତ, ପେଟ୍ରୋଲ ଢାଳି ଯୁବକଙ୍କୁ ହତ୍ୟା ଉଦ୍ୟମ



ଦାରିଙ୍ଗବାଡି,୨୪।୪(ସମିସ): ଦାରିଙ୍ଗବାଡି ଥାନା ସିମନବାଡି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ୨ ଜଣ ଯୁବକ ପଲସର ବାଇକରେ ଆସି ପ୍ରାୟ ୨ ଘଣ୍ଟା ଧରି ଉତ୍ପାତ ଚଳାଇଥିଲେ। ଖବର ପାଇ ଦାରିଙ୍ଗବାଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ ସହ ୨ ଯୁବକଙ୍କୁ ଥାନାକୁ ନେଇଥିବା ଜଣାପଡିଛି। ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଜଣାପଡିଛି। ପ୍ରକାଶ ଯେ ଆଜି ଅପରାହ୍ନରେ ଏକ ପଲସର ବାଇକରେ ୨ ଯୁବକ କୁଆଡୁ ଆସି ପଞ୍ଚାୟତ କାର୍ଯ୍ୟାଳୟ ନିକଟ ୫୯ ନଂ ଜାତୀୟ ରାଜପଥ ଉପରେ ଲୋକଙ୍କ ସହ ଝଗଡା ଲାଗିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ଜଣେ ଯୁବକ ପ୍ରତିବାଦ କରିବାରୁ ନିଶାଶକ୍ତ ଅବସ୍ଥାରେ ରହିଥିବା ଯୁବକ ଜଣଙ୍କ ପ୍ରତିବାଦ କରୁଥିବା ଯୁବକଙ୍କ ପୁରା ଶରୀରରେ ପେଟ୍ରୋଲ ଢାଳି ଦିଆସିଲି କିଣିବାକୁ ଯାଇଥିବା ବେଳେ ସେଠାରେ ଥିବା ପ୍ରତ୍ୟକ୍ଷଦର୍ଶୀ ଉକ୍ତ ଯୁବକଙ୍କୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ପେଟ୍ରୋଲରେ ଓଦା ହୋଇଥିବା ଯୁବକଙ୍କୁ ସ୍ଥାନୀୟ ଲୋକ ତୁରନ୍ତ ପାଣି ଢାଳି ଗାଧୋଇ ଦେଇଥିଲେ। ପରେ ତାଙ୍କ ପରିବାର ଲୋକେ ପହଞ୍ଚି ପେଟ୍ରୋଲରେ ଓଦା ହୋଇଥିବା ଯୁବକଙ୍କୁ ଘରକୁ ନେଇଥିଲେ।

## ବାଇକ୍ ଦୁର୍ଘଟଣାରେ ୨ ଆହତ

ଫିରିଙ୍ଗିଆ,୨୪।୪(ସମିସ): ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଥିବା ବେଳେ ଅନ୍ୟଜଣେ ଆହତ ହୋଇଥିବା ସୂଚନା ମିଳିଛି। ଆଜି ଅପରାହ୍ନରେ ଫୁଲବାଣୀ ବ୍ଲକ ସଦରଥାନା ଅଞ୍ଚଳ ବରପଦା ନିକଟ ବୁଲାଣି ରାସ୍ତାରେ ଫୁଲବାଣୀ ପଟୁ ଫିରିଙ୍ଗିଆ ଆଡକୁ ଆସୁଥିବା ଏକ ବାଇକ ଭାରସାମ୍ୟ ହରାଇ ରାସ୍ତା କଡ଼ ଡ୍ରେନରେ ପିଟି ହୋଇଯାଇଥିଲା। ଏଥିରେ ଜଣେ ଗୁରୁତର ହୋଇଥିବାବେଳେ ଅନ୍ୟଜଣେ ଆହତ ହୋଇଥିଲେ। ଆମ୍ବୁଲାନ୍ସ ପହଞ୍ଚି ଆହତଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲା। ଆହତ ଦୁଇଜଣ ସାଡ଼ିଙ୍ଗିଆ ପଞ୍ଚାୟତ ବଣ୍ଡାପିକୁଡ଼ି ଗାଁର ଭୁଲେଶ୍ୱର ମଲିକ ଓ ଅନ୍ୟଜଣେ ସେହି ଗାଁର କପ୍ତାନ ବିନ୍ଧାଣି। ଦୁହେଁ ଦୁଇ ସଙ୍ଗାତ ବୋଲି ଜଣାପଡିଛି। ଦୁଇ ଜଣ ଝିଅ ବାହାଘର ପାଇଁ ଫୁଲବାଣୀରୁ ଏକ ନୂଆ ବାଇକ କିଣି ନିଜ ଗାଁକୁ ଫେରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଛି।

## 'ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ମହିଳା ବିଲ୍‌କୁ ବିରୋଧ କରାଯାଇଛି'




ପାରଳାଖେମୁଣ୍ଡି,୨୪।୪(ସମିସ): ମୋଦୀ ସରକାର ନାରୀଙ୍କୁ ରାଜନୀତିରେ ଅଧିକ ସଶକ୍ତ କରିବା ପାଇଁ ନାରୀ ଶକ୍ତି ବନ୍ଦନ ଅଧିନିୟମ ଆଣିଥିଲେ। ହେଲେ ବିରୋଧୀ ଦଳ ଏହାକୁ ଆଣିବା ପାଇଁ ଦେଲେ ନାହିଁ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ବିରୋଧୀ ଦଳ ବିଭିନ୍ନ ଦଳ ସହ ହାତ ମିଳାଇ ଏହି ଅଧିନିୟମକୁ ବିରୋଧ କରି ସମସ୍ତ ମହିଳାଙ୍କୁ ପଛରେ ରଖିବାକୁ ସବୁ ବେଳେ ଚେଷ୍ଟା କରୁଛନ୍ତି। ମହିଳାଙ୍କ ପାଇଁ ସଂରକ୍ଷଣ କରିବା ଦ୍ୱାରା ସେହି ଦଳ କ୍ଷତି ସହ ସେମାନଙ୍କ ସ୍ୱାର୍ଥ ପୂରଣ ହେବା ଆଶଙ୍କାରେ ଏହି ଅଧିନିୟମକୁ ବିରୋଧ କରିଥିଲେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଗଜପତି ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଅରୁଣିମା ସାହୁ କହିଛନ୍ତି। ଏହି ଅବସରରେ ଜିଲ୍ଲା ସଭାପତି ନବ କିଶୋର ଶବର, ବରିଷ୍ଠ ନେତ୍ରୀ ପି. ଲତା ଉପସ୍ଥିତ ଥିଲେ।

### ସ୍କୁଲ ଗେଟ୍ ପଡ଼ି ୨ ଛାତ୍ରୀଙ୍କ ମୃତ୍ୟୁ ଘଟଣା

# ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ଭୀମ୍ ଆର୍ମି

ପାରଳାଖେମୁଣ୍ଡି,୨୪।୪(ସମିସ)



ବହୁ ଚର୍ଚ୍ଚିତ ନୂଆଗଡ଼ ବ୍ଲକରେ ସ୍କୁଲ ଗେଟ୍ ପଡ଼ି ୨ ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଆଜି ଏନେଇ ଭାରତ ଏକତା ମିଶନ ଭୀମ ଆର୍ମି ସଭାପତି ଅସଲାନ ନାୟକଙ୍କ ନେତୃତ୍ୱରେ ମୃତ ଦୁଇ ଛାତ୍ରୀଙ୍କ ପରିବାରବର୍ଗଙ୍କ ସ୍ୱାକ୍ଷରିତ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପାରଳାଖେମୁଣ୍ଡିରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗାଙ୍କୁ ପ୍ରଦାନ କରାଯାଇଛି।। ସରକାରଙ୍କ ତରଫରୁ କିଛି ଆର୍ଥିକ ସହାୟତା ଦେଇ ଏହି ଘଟଣାକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଉଛି। ବିଦ୍ୟାଳୟର ବିପଦଶଙ୍କୁଳ ଅବସ୍ଥାରେ ଥିବା ଗେଟ୍‌ର ଗୋଟିଏ ଦଦରା ଅଂଶ ପଡ଼ିବାରୁ ୨ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ଏହା ଶିକ୍ଷା ବିଭାଗ ପ୍ରଶାସନର ଚରମ ଅବହେଳାକୁ ସୂଚାଉଛି। ଏହି ଘଟଣା ଅତ୍ୟନ୍ତ ହୃଦୟ ବିଦାରକ। ଦାୟିତ୍ୱହୀନତା ଯୋଗୁଁ ସରଳ ନିରୀହ ଆଦିବାସୀ ପିଲା ଭେନକ୍ରିତ ରଇତ (ପଞ୍ଚମ ଶ୍ରେଣୀ) ଓ କେଦନ୍ତୀ ରଇତ (ଚତୁର୍ଥ ଶ୍ରେଣୀ)ଙ୍କ ଅତି ଦୁଃଖଦ ଓ ଶୋଚନୀୟ ମୃତ୍ୟୁ ଘଟିଛି। ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ, ବ୍ଲକ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ପାଚେରି କାମ କରିଥିବା ଠିକା ସଂସ୍ଥା ସମେତ ଘଟଣାରେ ଯିଏ ବି କର୍ତ୍ତବ୍ୟରେ ଅବହେଳା କରିଥିବେ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଚାକିରିରୁ ନିଲମ୍ବନ ପାଇଁ ଦାବି କରାଯାଇଛି। ଏଥି ସହିତ ମୃତକ ପରିବାରଙ୍କୁ ୩୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହୋଇଛି। ୧୫ ଦିନ ମଧ୍ୟରେ ନିରପେକ୍ଷ ତଦନ୍ତ କରି ନିରୀହ ପରିବାରଙ୍କୁ ନ୍ୟାୟ ପ୍ରଦାନ ନ କରାଗଲେ ଆଗାମୀ ଦିନରେ ଭୀମ ଆର୍ମୀ ଗଜପତି ଜିଲ୍ଲା ସଂଗଠନ ତରଫରୁ ଜିଲ୍ଲା ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଭୀମ ଆର୍ମିର ବହୁ ସଂଖ୍ୟକ ସଦସ୍ୟ ଉପସ୍ଥିତ ଥିଲେ।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଇଟାଲି ଦମ୍ପତି

ପାରଳାଖେମୁଣ୍ଡି,୨୪।୪(ସମିସ): ଗଜପତି ଜିଲ୍ଲାରୁ ୮୨ ଓ ୮୩ ତମ ଶିଶୁକୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ମୁନୀନ୍ଦ୍ର ହୋନନଗା ପୋଷ୍ୟ ସନ୍ତାନ ଭାବେ ଇଟାଲି ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ୩ ବର୍ଷ ପୂର୍ବେ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଥିବା ଦୁଇ ଝିଅକୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ହାତିବାଡି ସ୍ଥିତ ଉତ୍କଳ ବାଳାଶ୍ରମ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅନଲାଇନରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପ୍ରସ୍ତୁତ କରିଥିଲେ। ସମସ୍ତ ଦସ୍ତାବିଜକୁ ଅତିରିକ୍ତ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଦୁଇ ଝିଅକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି। ଦୁଇ ଝିଅ ଦୁଇ ଭଉଣୀ ଓ ସେମାନଙ୍କର ବୟସ ୧୨ ଓ ୧୪ ବର୍ଷ। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅମୀୟ କୁମାର ତ୍ରିପାଠୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମନୋରମା ଦେବୀ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ଅଧିକାରିଣୀ ଶାରଳା ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ରାୟଗଡ଼ ସିଡିପିଓ ବି. କୋମଳାଙ୍ଗୀଙ୍କ ସମେତ ଉତ୍କଳ ବାଳାଶ୍ରାମ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମକର୍ତ୍ତା ଉପସ୍ଥିତ ଥିଲେ।

